**ବାର୍ଦ୍ଧକ୍ୟଭତ୍ତା ୩ହଜାର ଟଙ୍କା କରାଯିବାକୁ ଦାବି**

ଭୁବନେଶ୍ୱର,(ସୁଚିସ୍ମିତା ସାହୁ): ଗରିବ, ଅସହାୟ, ବୃଦ୍ଧା, ବୃଦ୍ଧଙ୍କୁ ମାସିକ ୩ ହଜାର ଟଙ୍କା ବାର୍ଦ୍ଧକ୍ୟଭତ୍ତା ଦିଆଯିବା ଦାବିରେ ଓଡ଼ିଶା ବାର୍ଦ୍ଧକ୍ୟଭତ୍ତା ହିତାଧିକାରୀ ମହାସଂଘ ପକ୍ଷରୁ ମଙ୍ଗଳବାର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। ସରକାରଙ୍କ ପକ୍ଷରୁ ରାଜ୍ୟର ଗରିବ, ଅସହାୟ, ବିଧବା, ଭିନ୍ନକ୍ଷମଙ୍କୁ ୧୦୦୦ ଟଙ୍କା ମାସିକ ଭତ୍ତା ପ୍ରଦାନ କରାଯାଉଛି। ଫଳରେ ସେମାନେ ଅସୁବିଧାରେ ଦିନ କାଟୁଛନ୍ତି। ତେଣୁ ମାସିକ ୩ହଜାର ଟଙ୍କା ଭତ୍ତା ଦେବାକୁ ମହାସଂଘର ରାଜ୍ୟ ସଭାପତି ଦିଗମ୍ବର ଜେନା ଦାବି କରିଛନ୍ତି। ଏକ ୫ଜଣିଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।



## ସଂକ୍ଷେପରେ

### ଟ୍ରକ୍ ପଛକୁ ପିଟିଲା ବାଇକ୍, ୨ ମୃତ

ଝାଁଳା,୨୪।୨(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ଓଗାଳପଡ଼ା ଭୁଆସୁଣୀ ମନ୍ଦିର ନିକଟରେ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୧ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଟ୍ରକ୍ ପଛକୁ ଏକ ବାଇକ୍ ଧକ୍କାଦେବାରୁ ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ସେମାନଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ଦୁଇ ଜଣ ବ୍ୟକ୍ତି ବାଇକ୍‌ରେ କୌଣସି କାମରେ ଭୁବନେଶ୍ୱର ଯାଇଥିଲେ। ରାତି ସାଢ଼େ ୧୧ଟାରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଫେରୁଥିଲେ। ଭୁଆସୁଣୀ ମନ୍ଦିର ନିକଟରେ ଏକ ମାଲ୍‌ବାହୀ ଟ୍ରକର ଟାୟାର ଫାଟି ଯାଇଥିବାରୁ ଠିଆ ହୋଇଥିଲା। ଏହି ସମୟରେ ଉକ୍ତ ବାଇକ୍ ଦ୍ରୁତଗତିରେ ଆସି ଟ୍ରକ୍ ପଛରେ ପିଟି ହୋଇଯାଇଥିଲା। ଫଳରେ ଦୁଇ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତକଦ୍ୱୟଙ୍କୁ ଆମ୍ବୁଲାନ୍ସରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

### ଡା. ମାୟା ନନ୍ଦଙ୍କ ପରଲୋକ

ଭୁବନେଶ୍ୱର,୨୪।୨(ଅନୁରାଧା ମହାରଣା)

ବିଶିଷ୍ଟ ରୋଗ ନିଦାନ ବିଜ୍ଞାନୀ ପ୍ରଫେସର ଡାକ୍ତର ମାୟା ନନ୍ଦଙ୍କର ଗତ ୨୦ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରରେ ୮୫ ବର୍ଷ ବୟସରେ ପରଲୋକ ଘଟିଛି। ସେ ଗତ ଏକ ମାସ ଧରି ଶ୍ୱାସଜନିତ ସମସ୍ୟାରେ ପୀଡ଼ିତ ଥିଲେ। ୧୯୪୦ ମସିହାରେ ପୁରୀରେ ଜନ୍ମଗ୍ରହଣ କରିଥିବା ଡାକ୍ତର ନନ୍ଦ ହେଉଛନ୍ତି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୁରୀର ଜଣାଶୁଣା ଚିକିତ୍ସକ ସ୍ୱର୍ଗତ ବସନ୍ତ କୁମାର ନନ୍ଦଙ୍କ ସୁକନ୍ୟା। ସେ ଏସ୍‌ସିବି ମେଡିକାଲ କଲେଜରୁ ଏମ୍‌ବିବିଏସ୍ ସମାପ୍ତ କରିବା ପରେ ବାୟୋକେମିଷ୍ଟ୍ରି ଏବଂ ପାଥୋଲୋଜିରେ ଏମ୍‌ଡି ଡିଗ୍ରୀ ହାସଲ କରିଥିଲେ। ସେ ଏମ୍‌କେସିଜି, ଭିମ୍‌ସାର୍ ଏବଂ ଏସ୍‌ସିବି ମେଡିକାଲ କଲେଜରେ ପାଥୋଲୋଜି ବିଭାଗର ପ୍ରଫେସର, ବିଭାଗୀୟ ମୁଖ୍ୟ ତଥା କେନ୍ଦ୍ରୀୟ ପରୀକ୍ଷାଗାରର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ଏଥିସହ ସେ ଆଇଏମ୍‌ଏସ୍ ଏବଂ ସମ୍ ହସ୍ପିଟାଲର ପାଥୋଲୋଜି ବିଭାଗ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଦୀର୍ଘବର୍ଷ ଧରି ଭାରତୀୟ ପାଥୋଲୋଜିଷ୍ଟ ଏବଂ ମାଇକ୍ରୋ ବାୟୋଲୋଜିଷ୍ଟ ସଂଘର ଜାତୀୟ କୋଷାଧ୍ୟକ୍ଷା ଭାବେ ମଧ ଦାୟିତ୍ୱ ତୁଲାଇଥିଲେ। ଜଣେ ଅନୁପ୍ରେରଣାଦାୟୀ ଶିକ୍ଷୟିତ୍ରୀ ଓ ସ୍ନେହୀ ମାର୍ଗଦର୍ଶକ ଭାବେ ସେ ଛାତ୍ରୀଛାତ୍ର ଏବଂ ସହକର୍ମୀଙ୍କ ମଧ୍ୟରେ ଅତି ପ୍ରିୟ ଥିଲେ। ଡାକ୍ତର ନନ୍ଦ ହେଉଛନ୍ତି ବିଶିଷ୍ଟ ଶଲ୍ୟ ଚିକିତ୍ସକ ତଥା ସର୍ଜରି ବିଭାଗର ପୂର୍ବତନ ପ୍ରଫେସର ସ୍ୱର୍ଗତ ଡାକ୍ତର ବିଜୟ କିଶୋର ରଥଙ୍କ ସହଧର୍ମିଣୀ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ସିଦ୍ଧାର୍ଥ ରଥ, ଝିଅ ସଂଘମିତ୍ରା ରଥ, ଜ୍ୱାଇଁ ବିଜୟ କୁମାର ମିଶ୍ର ଏବଂ ସାନପୁଅ ଡା. ସବ୍ୟସାଚୀ ରଥ ଉପସ୍ଥିତ ଥିଲେ।

### ମାଟିବୋଝେଇ ୩ ଗାଡ଼ି ଜବତ, ୩ ଗିରଫ

ବାଲିଅନ୍ତା,୨୪।୨(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ ପାରିବାସୁ ଦେଇପୁର ଗ୍ରାମର ଏକ ମଠ ନିକଟ ଚାଷଜମିରୁ ବେଆଇନ ଭାବେ ଖନନ କରି ମାଟି ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ୩ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସୁଧୀର ହରିଚନ୍ଦନ (୩୫), ରମେଶ ଚନ୍ଦ୍ର ଭୋଇ (୪୦) ଓ ବାବୁଲ ମଲ୍ଲିକ (୨୩)। ଏନେଇ ପୋଲିସ ଥାନାରେ ମାମଲା (ନଂ. ୯୧/୨୬) ରୁଜୁ କରିଛି। ପୋଲିସର ଏକ ଟିମ୍ ଉକ୍ତ ସ୍ଥାନରେ ଅତର୍କିତ ଚଢ଼ାଉ କରିଥିଲା। ଏହି ସମୟରେ ସେଠାରେ ମାଟି ଲୋଡ୍ କରାଯାଉଥିବା ୨ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ମେଶିନକୁ ପୋଲିସ ଜବତ କରିବା ବେଳେ ଘଟଣାସ୍ଥଳରୁ ୨ ଜଣ ଯୁବକ ଖସି ପଳାଇଥିଲେ। ମାତ୍ର ପୋଲିସ ସେଠାରୁ ଅନ୍ୟ ୩ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ପଚରାଉଚରା କରିବାରୁ ସେମାନେ ବେଆଇନ ଭାବେ ମାଟି ଖନନ କରି ନିକଟସ୍ଥ ଇଟାଭାଟିକୁ ବିକ୍ରି ଉଦ୍ଦେଶ୍ୟରେ ପରିବହନ କରୁଥିଲେ ବୋଲି ସ୍ୱୀକାର କରିଥିବା ପୋଲିସ କହିଛି।

# ଝଡ଼ବର୍ଷାରେ ହୋର୍ଡିଂ ଭୁଶୁଡ଼ି ୨ ମୃତ

ଭୁବନେଶ୍ୱର,୨୪।୨(ତ୍ରିନାଥ ମହାନ୍ତି)

ଭୁବନେଶ୍ୱରରେ ମଙ୍ଗଳବାର ସନ୍ଧ୍ୟାରେ ଝଡ଼ବର୍ଷା ତାଣ୍ଡବ ରଚିଥିଲା। ଅଚାନକ ପାଗ ପରିବର୍ତ୍ତନ ସହିତ ଝଡ଼ତୋଫାନ ଓ ବର୍ଷା ହୋଇଥିଲା। ପବନ ହେବାରୁ ପାତ୍ରପଡ଼ା ଆଇଗିଣିଆ ଦୁର୍ଗାମଣ୍ଡପ ପାଖରେ ଥିବା ବିଏମ୍‌ସିର ଏକ ବଡ଼ ହୋର୍ଡିଂ ଭୁଶୁଡ଼ି ପଡ଼ିବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏକାଧିକ ଦୋକାନ ଘର ଭାଙ୍ଗିଯାଇଛି। ମୃତକ ହେଲେ ଗଞ୍ଜାମ ଜିଲା ଆସ୍କାର ଟୁନା ଗଉଡ଼ ଏବଂ ଡୁମୁଡୁମାର ସଚ୍ଚିଦାନନ୍ଦ ପ୍ରଧାନ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଏନେଇ ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ତୁରନ୍ତ ଅଗ୍ନିଶମ କର୍ମଚାରୀ ଆସି ହୋର୍ଡିଂ ଲୁହାକୁ କାଟି ରାସ୍ତା ସଫା କରିଥିଲେ।

ସୂଚନା ଅନୁସାରେ, ଆଇଗିଣିଆ ଦୁର୍ଗାମଣ୍ଡପ ନିକଟରେ ବିଏମ୍‌ସିର ଏକ ବିରାଟ ହୋର୍ଡିଂ ରହିଛି। ହୋର୍ଡିଂ ନିକଟରେ ଏକାଧିକ ଦୋକାନ ରହିଛି। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ କାଳବୈଶାଖୀ ହୋଇଥିଲା। ବର୍ଷା ହେବାରୁ ବାହାରେ ଯାଉଥିବା ଲୋକ ହୋର୍ଡିଂ ତଳେ ଥିବା ଦୋକାନ ଆଗରେ ଛିଡ଼ା ହୋଇଥିଲେ। ହଠାତ୍ ପବନରେ ହୋର୍ଡିଂ ଭୁଶୁଡ଼ି ପଡ଼ିଥିଲା। ଫଳରେ ବଡ଼ବଡ଼ ଲୁହାରଡ଼ ପଡ଼ିବାରୁ ଦୋକାନ ଆଗରେ ଛିଡ଼ା ହୋଇଥିବା ୨ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ହୋର୍ଡି ତଳେ ଚାପି ହୋଇ ରହିଥିବା ଲୋକଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ଘଟଣା ସ୍ଥଳରେ ୨ଜଣଙ୍କର ମୃତଦେହ ମିଳିଥିବା ବେଳେ ଅନେକ ଆହତ ହୋଇଥିବା ଜଣାପଡ଼ିଛି। ହୋର୍ଡିଂ ପଡ଼ିବାରୁ ରାସ୍ତା ଗାଡ଼ି ଚଳାଚଳ ବନ୍ଦ ହୋଇ ରହିଥିଲା। ଖବର ପାଇ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିବା ସହ ହୋର୍ଡିଂକୁ କାଟି ରାସ୍ତା ସଫା କରିଥିଲେ।

ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି, ଭୁଶୁଡ଼ି ପଡ଼ିଥିବା ହୋର୍ଡିଂ ବିପଦଶଙ୍କୁଳ ଅବସ୍ଥାରେ ରହିଥିଲା। ହୋର୍ଡିଂର ଖୁଣ୍ଟିଗୁଡ଼ିକରେ କଳଙ୍କି ଲାଗିଯାଇଥିବା ବେଳେ ବେଳେ ସେଥିରେ ବିଭିନ୍ନ ସଂସ୍ଥା ପକ୍ଷରୁ ବିଜ୍ଞାପନ ମରାଯାଉଥିଲା। କିନ୍ତୁ ବିଏମ୍‌ସି ଏହି ହୋର୍ଡିଂକୁ ମେଣ୍ଟେନାନ୍ସ କରୁ ନ ଥିଲା। ଯେଉଁଥିପାଇଁ ମଙ୍ଗଳବାର ସାମାନ୍ୟ ପବନରେ ଭୁଶୁଡ଼ି ପଡ଼ିଥିଲା। ବର୍ତ୍ତମାନ ରାଜଧାନୀରେ ଥିବା ବିଏମ୍‌ସିର ଏକାଧିକ ହୋର୍ଡିଂ ଯାଞ୍ଚ କରାଯାଇ ମେଣ୍ଟେନାନ୍ସ କରା ନ ଗଲେ ଏହିଭଳି ଝଡ଼ବର୍ଷାରେ ଏକାଧିକ ବ୍ୟକ୍ତିଙ୍କ ଜୀବନ ଯିବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ବିଏମ୍‌ସି ଏହାକୁ ଗୁରୁତର ସହ ନେଇ ସହରରେ ଲାଗିଥିବା ସବୁ ହୋର୍ଡିଂକୁ ଯାଞ୍ଚ କରିବାକୁ ସହରବାସୀ ଦାବି କରିଛନ୍ତି।

## ବିନା ମେଣ୍ଟେନାନ୍ସରେ ବିପଦଶଙ୍କୁଳ ଅବସ୍ଥାରେ ଏକାଧିକ ହୋର୍ଡିଂ




ଆଇଗିଣିଆରେ ହୋର୍ଡିଂ ଭୁଶୁଡ଼ିପଡ଼ିଛି ଓ ଶାନ୍ତିସ୍ତୁପ ନିକଟରେ ଥିବା ଲିଫ୍ଟର ଶେଡ୍ ଉଡ଼ିଯାଇଛି।

## ‘ଦ ଡୋଏନ୍ ଅଫ ଓଡ଼ିଶା ଜର୍ନାଲିଜିମ୍: ଏନ୍.ଆର୍. ସ୍ୱାମୀ’ ଉନ୍ମୋଚିତ




ଅତିଥିମାନେ ‘ଦ ଡୋଏନ୍ ଅଫ ଓଡ଼ିଶା ଜର୍ନାଲିଜିମ୍: ଏନ୍.ଆର୍. ସ୍ୱାମୀ’ ପୁସ୍ତକ ଉନ୍ମୋଚନ କରୁଚନ୍ତି।

ଭୁବନେଶ୍ୱର,୨୪।୨(ସୌମ୍ୟରଞ୍ଜନ ରାଉତ)

ସମାଜର ହିତ ସାଧନ ପାଇଁ ଗଣମାଧ୍ୟମ ହେଉଛି ଶକ୍ତିଶାଳୀ ମାଧ୍ୟମ। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଦେଶର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମ ସର୍ବଦା ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ଏନ୍. ଜଗନ୍ନାଥ ଦାସଙ୍କ ରଚିତ ପୁସ୍ତକ ‘ଦ ଡୋଏନ୍ ଅଫ ଓଡ଼ିଶା ଜର୍ନାଲିଜିମ୍: ଏନ୍.ଆର୍. ସ୍ୱାମୀ’ ଉନ୍ମୋଚନ ଉତ୍ସବରେ ଯୋଗଦେଇ ଅତିଥିମାନେ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପାରାଦୀପ ପୋର୍ଟ ଟ୍ରଷ୍ଟର ପୂର୍ବତନ ଚେୟାରମ୍ୟାନ ସୁଧାଂଶୁ ଶେଖର ମିଶ୍ର, ବରିଷ୍ଠ ସାମ୍ବାଦିକ ଶ୍ରୀମୟ କର, ଖବରଦାତା ଏନ୍.ପଟ୍ଟାଭି, କେ. ରାଜଗୋପାଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଲେଖକ ଏନ୍. ଜଗନ୍ନାଥ ଦାସ ତାଙ୍କ ପିତାଙ୍କ ଜୀବନାଦର୍ଶ ଓ ସାମ୍ବାଦିକତା ପ୍ରତି ତାଙ୍କ ଅବଦାନ କିଭଳି ତାଙ୍କୁ ଏହି ପୁସ୍ତକ ରଚନା ପାଇଁ ଅନୁପ୍ରାଣିତ କରିଥିଲା ତାହା ବଖାଣିଥିଲେ। ପି. ରୋହିଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମନ୍ଦିର ଭଙ୍ଗାରୁଜା, ଶ୍ରୀଜଗନ୍ନାଥଙ୍କ ବିଗ୍ରହ କ୍ଷତିଗ୍ରସ୍ତ

ବାଲିପାଟଣା,୨୪।୨(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅଧୀନ ରାଜସ ମମନା ସାହିରେ ଗତ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଅସାମାଜିକ ଯୁବକ ନିଶାସକ୍ତ ଅବସ୍ଥାରେ ଗ୍ରାମର ବାଲୁଙ୍କେଶ୍ୱର ମନ୍ଦିର ଏବଂ ପତିତପାବନ ମନ୍ଦିରରେ ପ୍ରବେଶ କରି ଏକ ହାତୁଡ଼ିରେ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ଭଙ୍ଗାରୁଜା କରିବା ସହ ଶ୍ରୀଜଗନ୍ନାଥଙ୍କ ଦାରୁବିଗ୍ରହର ହାତକୁ କ୍ଷତିଗ୍ରସ୍ତ କରିଛି। ମନ୍ଦିର ପ୍ରାଙ୍ଗଣରେ ମଧ ଭଙ୍ଗାରୁଜା କରାଯାଇଥିବା ବେଳେ ପିତଳ ମୂର୍ତ୍ତି ଏବଂ ହୁଣ୍ଡିରୁ ଦାନ ଟଙ୍କା ଲୁଟ ହୋଇଥିବା ନେଇ ମଙ୍ଗଳବାର ଗ୍ରାମବାସୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଘଟଣା ପରେ ଏକ ବୈଠକ ହୋଇଥିଲେ ମଧ ଅଭିଯୁକ୍ତ କିମ୍ବା ତାଙ୍କ ପରିବାର ପକ୍ଷରୁ କେହି ଉପସ୍ଥିତ ହୋଇ ନ ଥିବାରୁ ସମାଧାନ ହୋଇପାରିନି। ଫଳରେ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ମନ୍ଦିରରେ ପୂଜାକାର୍ଯ୍ୟ ବନ୍ଦ ରହିଥିବା ବେଳେ ଦେବଦେବୀଙ୍କ ମୂର୍ତ୍ତିଭଙ୍ଗା ଘଟଣାକୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।




କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସରେ ମଙ୍ଗଳବାର ବିଧାନସଭା ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ। (ଫଟୋ– ମନୋରଞ୍ଜନ ମିଶ୍ର)

## ‘ଓଡ଼ିଆଙ୍କ ହୃଦୟରେ ଜାତିପ୍ରୀତି ଜାଗ୍ରତ କରାଇଥିଲେ କାନ୍ତକବି’

ଭୁବନେଶ୍ୱର,୨୪।୨(ସୌମ୍ୟରଞ୍ଜନ ରାଉତ)

ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିବା ସହ ଓଡ଼ିଆଙ୍କ ହୃଦୟରେ ଜାତିପ୍ରୀତି ଜାଗ୍ରତ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ବୋଲି ଅତିଥିମାନେ କହିଛନ୍ତି। ମଙ୍ଗଳବାର କାନ୍ତକବିଙ୍କ ଶ୍ରାଦ୍ଧ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ବିଧାନସଭା ପରିସରରେ ଥିବା କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଚିତ୍ରକଳା ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ

### କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ୮ମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୪।୨(ସୁଚିସ୍ମିତା ସାହୁ)

କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ୮ମ ବାର୍ଷିକ ଉତ୍ସବ ଅବସରରେ ମଙ୍ଗଳବାର ରାଜ୍ୟ ସଂଗ୍ରହାଳୟସ୍ଥିତ କଳିଙ୍ଗ ଆର୍ଟ ଗାଲେରି ପରିସରରେ ଏକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ଭାସ୍କର୍ଯ୍ୟଶିଳ୍ପୀ ଗୁରୁ ପଦ୍ମବିଭୂଷଣ ସୁଦର୍ଶନ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ କହିଥିଲେ, ଚିତ୍ରକଳା ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ। କଳା ବିନା ସମାଜ ରଙ୍ଗହୀନ ଓ ସ୍ୱାଦହୀନ। ଓଡ଼ିଶା ହେଉଛି ବିଶ୍ୱକଳାର ଗନ୍ତାଘର। ସମ୍ମାନିତ ଅତିଥିଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳସଚିବ ମନସ୍ୱିନୀ ସାହୁ ଯୋଗଦେଇ ଓଡ଼ିଶାର ସମସାମୟିକ ଚିତ୍ରକଳା ଓ ଚିତ୍ରଶିଳ୍ପୀଙ୍କ ସମ୍ପର୍କରେ ବକ୍ତବ୍ୟ ଦେବା ସହ ୩ ଜଣ ଛାତ୍ରଙ୍କୁ ୧୦,୦୦୦ ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସେହିପରି ସୋମନାଥ ନୀଳିମା ମେମୋରିଆଲ ଓ ସୌମ୍ୟ ମେମୋରିଆଲ ପୁରସ୍କାର ବାବଦରେ ୨ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ୫୦୦୦ ଲେଖାଏ ଅର୍ଥରାଶି ଦିଆଯାଇଥିଲା। ଶିକ୍ଷାବିତ୍ ହାଡ଼ିବନ୍ଧୁ ହାଲି ମେମୋରିଆଲ ଟ୍ରଷ୍ଟ ତରଫରୁ ପୁରସ୍କାର ବାବଦରେ ୩ ମେଧାବୀ ଛାତ୍ରୀଛାତ୍ରଙ୍କୁ ୧୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ମହାବିଦ୍ୟାଳ ଅଧ୍ୟକ୍ଷ ତାରାକାନ୍ତ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଚିତ୍ରା ମିଶ୍ର, ସ୍ୱର୍ଣ୍ଣଲତା ଶତପଥୀ, ଅନିତା ସାହୁ, ଅଧ୍ୟାପକ ମନୋରଞ୍ଜନ ଦାସ ଓ ସୁବ୍ରତ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିବାନନ୍ଦ ବେହେରା କାର୍ଯ୍ୟକ୍ରମ ପରିଚାଳନା ଏବଂ କଳିଙ୍ଗ ଚାରୁକଳା ମହାବିଦ୍ୟାଳୟ ସଦସ୍ୟ ବିକାଶ ଚୌଧୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସାମ୍ବାଦିକ ଦିଲୀପ ହାଲି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ।



ଛାତ୍ରୀମାନେ ଚିତ୍ରକଳା ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

## ବର୍ଷକରେ ଆମ ବସ ନେଇଛି ୭ ଜୀବନ

ଭୁବନେଶ୍ୱର,୨୪।୨(ବନ୍ଦନା ସେଠୀ)

ବର୍ଷକ ଭିତରେ ଆମ ବସ୍ ନେଇଛି ୭ ଜୀବନ। ମଙ୍ଗଳବାର ବିଧାନସଭାରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏହି ତଥ୍ୟ ଦେଇଛନ୍ତି। ଆମ ବସ୍ ଦୁର୍ଘଟଣାରେ ଭୁବନେଶ୍ୱରରେ ୬ଜଣ ଓ କଟକରେ ଜଣେ ପ୍ରାଣ ହରାଇଛନ୍ତି। ବର୍ଷକରେ ୮ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଭୁବନେଶ୍ୱରରୁ ୪, ପୁରୀ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ଜଣେ ଲେଖାଏ ରହିଛନ୍ତି। ଦୁର୍ଘଟଣା ରୋକିବାକୁ ବସ ଯାଞ୍ଚ ସହ ସ୍ପିଡ୍ ଲିମିଟ ଫିକ୍ସ କରାଯାଇଛି। ଇଲେକ୍ଟ୍ରିକ ବସ୍ ବେଗ ୩୫ କି.ମି, ଡିଜେଲଚାଳିତ ବସ୍ ବେଗ ୪୦ ଓ ରାଜପଥରେ ଗଡୁଥିବା ଆମ ବସ୍‌ର ସ୍ପିଡ୍ ୫୦ କି.ମି ଭିତରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଜଟିଳ ଲିଭର ଟ୍ରାନ୍ସପ୍ଲାଣ୍ଟରେ ମଣିପାଲ ହସ୍ପିଟାଲର ସଫଳତା




କାର୍ଯ୍ୟକ୍ରମରେ ଉପସ୍ଥିତ ମଣିପାଲ୍ ହସ୍ପିଟାଲର ଅଧିକାରୀ ଓ ଡାକ୍ତର।

ଭୁବନେଶ୍ୱର,୨୪।୨(ଅନୁରାଧା ମହାରଣା)

ଓଡ଼ିଶାରେ ଲିଭରଜନିତ ରୋଗ ବଢ଼ିବାରେ ଲାଗିଛି। ନିକଟରେ କରାଯାଇଥିବା ଏକ ସର୍ଭେ ଅନୁଯାୟୀ, ପ୍ରାୟ ପ୍ରତ୍ୟେକ ୩ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଫ୍ୟାଟି ଲିଭର ରୋଗରେ ପୀଡ଼ିତ ହୋଇପାରନ୍ତି। ପ୍ରତି ୬ଜଣଙ୍କ ମଧ୍ୟରୁ ଜଣଙ୍କୁ ଲିଭର ଜନିତ ଗୁରୁତର ଅବସ୍ଥା ହେବାର ଆଶଙ୍କା ରହେ, ଯାହା ପରେ ଲିଭର ସିରୋସିସକୁ ଅଗ୍ରସର ହୋଇପାରେ। ରାଜ୍ୟରେ ଲିଭର ସିରୋସିସ୍‌ର ପ୍ରକୋପ ପ୍ରାୟ ୧୬.୭ ଶତାଂଶ ଥିବାବେଳେ ପୂର୍ବ ଭାରତରେ ପ୍ରାୟ ଅର୍ଦ୍ଧାଧିକ ଦୀର୍ଘକାଳୀନ ଲିଭର ରୋଗୀ ସିରୋସିସ୍‌ରେ ଚିହ୍ନଟ ହେଉଛନ୍ତି। ମଣିପାଲ ହସ୍ପିଟାଲ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଡାକ୍ତର ଓ ଲିଭର ଟ୍ରାନ୍ସପ୍ଲାଣ୍ଟ ହୋଇଥିବା ରୋଗୀମାନେ ଏକାଠି ହୋଇ ନିଜ ଅନୁଭବ ବାଣ୍ଟିଥିଲେ। ଏହି ବିଶେଷ କାର୍ଯ୍ୟକ୍ରମରେ ବରିଷ୍ଠ ଲିଭର ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଡାକ୍ତର ରାଜଶେଖର କେ. ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣିପାଲ ହସ୍ପିଟାଲର ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଡା. ପ୍ରତାପ ବେହେରା, ଡା. ଜ୍ଞାନରଞ୍ଜନ ରାଉତ, ଡା. ସମ୍ବିତ କୁମାର ଭୂୟାଁ ଏବଂ ମଣିପାଲ ହସ୍ପିଟାଲର କ୍ଲଷ୍ଟର ଡାଇରେକ୍ଟର ସାଉଥ ଇଷ୍ଟ ଡା. ଶକ୍ତିମୟ ମହାପାତ୍ର ଉପସ୍ଥିତ ଥିଲେ। ଅନୁଗୋଳର ସୁଧୀର ଭୂତିଆ କହିଥିଲେ, ଦୀର୍ଘଦିନ ଧରି ପେଟ ଯନ୍ତ୍ରଣା ହେଉଥିବାରୁ ମଣିପାଲ ହସ୍ପିଟାଲ ଆସିଥିଲେ। ପରୀକ୍ଷା ପରେ ଡାକ୍ତରମାନେ ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ପରାମର୍ଶ ଦେଇଥିଲେ। ମୋ’ ଭଉଣୀ ତାଙ୍କ ଲିଭରର ଏକ ଅଂଶ ଦାନ କରିଥିଲେ। ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି। ସେହିପରି ମୁନା ସାହୁ ନାମକ ରୋଗୀ କହିଥିଲେ, ମଣିପାଲ ହସ୍ପିଟାଲର ଡାକ୍ତରମାନେ ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ପରାମର୍ଶ ଦେଇଥିଲେ। ସ୍ତ୍ରୀ ଲିଭର ଦାନ କରିବା ପରେ ସେ ବର୍ତ୍ତମାନ ସୁସ୍ଥ ଥିବା କହିଛନ୍ତି। କେନ୍ଦ୍ରାପଡ଼ାର ସୂର୍ଯ୍ୟକାନ୍ତ ସାମଲ କହିଥିଲେ, ୨୦୨୪ରେ ପେଟରେ ଯନ୍ତ୍ରଣା ହୋଇଥିଲା। ପରେ ଡା. ପ୍ରତାପ ବେହେରାଙ୍କ ପରାମର୍ଶ କ୍ରମେ ଲିଭର ଟ୍ରାନ୍ସପ୍ଲାଣ୍ଟ କରାଯାଇଥିଲା। ମୋ’ ସ୍ତ୍ରୀ ତାଙ୍କ ଲିଭରର ଏକ ଅଂଶ ଦାନ କରି ଦ୍ୱିତୀୟ ଜୀବନ ଦେଇଥିଲେ।

## ‘ଶିଳ୍ପୀ ହସ୍ତତନ୍ତ ଶିଳ୍ପକୁ ବଞ୍ଚାଇ ରଖନ୍ତୁ’

### ତୋଷାଳି ମେଳାରେ କାରିଗର, ଶିଳ୍ପୀ ପୁରସ୍କୃତ

ଭୁବନେଶ୍ୱର,୨୪।୨(ସୌମ୍ୟରଞ୍ଜନ ରାଉତ)

ଜନତା ମଇଦାନରେ ୨୦ତମ ଭବ୍ୟ ତୋଷାଳି ମେଳାର ମଙ୍ଗଳବାର ଥିଲା ୧୧ତମ ଦିବସ। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଥିଲେ ଯେ, ଓଡିଶା ହେଉଛି କଳା, ହସ୍ତଶିଳ୍ପ ଓ ହସ୍ତକଳାର ଭଣ୍ଡାର। କଳା ଓ ସଂସ୍କୃତି ପାଇଁ ଓଡ଼ିଶା ବିଶ୍ୱବିଦିତ। କାରିଗର ଓ ଶିଳ୍ପୀମାନେ ଆମ ଐତିହ୍ୟର ବାର୍ତ୍ତାବହ। ତେଣୁ ଶିଳ୍ପୀମାନଙ୍କୁ ସେ ଧନ୍ୟବାଦ ଦେବା ସହ ଶିଳ୍ପକୁ ବଞ୍ଚାଇ ରଖିବାକୁ ଆହ୍ୱାନ କରିଥିଲେ। ବିଭାଗୀୟ ଶାସନ ସଚିବ ଗୁହା ପୁନମ ତାପସ କୁମାର କଳାଭୂମିରେ ଆୟୋଜିତ ଟେରାକୋଟା କୃତି ପ୍ରତିଯୋଗିତାରେ ରେକର୍ଡ ଭାଙ୍ଗିଥିବା କୃତି ପ୍ରତିଯୋଗୀଙ୍କୁ ଧନ୍ୟବାଦ ଦେବା ସହ ସମସ୍ତ କାରିଗରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ହସ୍ତତନ୍ତ ହସ୍ତଶିଳ୍ପର କୃତି ପ୍ରତିଯୋଗୀ ଅମୀୟ ଧଳ, ମନ୍ମଥ କୁମାର ପଣ୍ଡା କୌଶଳ, ପ୍ରଦୀପ ନାୟକ, ଉଦୟ ମହାନ୍ତି, ଶରତ ପ୍ରଧାନ, କେଶବ ମେହେର ଏବଂ ଅନ୍ୟ ଶିଳ୍ପୀ ଓ କାରିଗରଙ୍କୁ ପୁରସ୍କୃତ କରାଯାଇଥିଲା। ପଦ୍ମ ପୁରସ୍କାର ବିଜେତା ଶରତ କୁମାର ପାତ୍ର, ପଦ୍ମଶ୍ରୀ ବିନୋଦ ମହାରଣା ଏବଂ ଗୁଲାଚି ହ୍ୟାଣ୍ଡଲୁମ୍‌ର ପ୍ରତିଷ୍ଠାତା ପିଙ୍କି ମାଝୀ ମଞ୍ଚରେ ଉପସ୍ଥିତ ରହି ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ସଙ୍ଗୀତ ଏବଂ ନୃତ୍ୟଶିଳ୍ପୀମାନେ ଘୁମରା ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଝୋଟ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୪।୨(ସୁଚିସ୍ମିତା ସାହୁ)

ଅଖିଳ ଭାରତୀୟ ନେଟ୍‌ୱର୍କ ପରିଯୋଜନାର ୩୭ତମ ବାର୍ଷିକ କର୍ମଶାଳା ମଙ୍ଗଳବାର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) (ଫସଲ ବିଜ୍ଞାନ)ର ଉପମହାନିର୍ଦ୍ଦେଶକ ଡ. ଡି.କେ. ଯାଦବ ଯୋଗଦେଇ ଝୋଟ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଝୋଟ ପରିବେଶକୁ ସୁହାଉଥିବା ବେଳେ ଭବିଷ୍ୟତମୁଖୀ ତନ୍ତୁ ଫସଲ, ଯାହାର ଚାହିଦା ବିବିଧୀକରଣ ଓ ଜଳବାୟୁ ପରିବର୍ତ୍ତନ ସମସ୍ୟାକୁ ସମାଧାନ କରିପାରିବ। ଏଣୁ ରାଜ୍ୟରେ ନୂତନ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ଦ୍ୱାରା ଝୋଟ ଉତ୍ପାଦନ ବଢାଇବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ କେନ୍ଦ୍ରୀୟ ଝୋଟ ଓ ସହଯୋଗୀ ତନ୍ତୁ ଗବେଷଣା ସଂସ୍ଥାନର ନିର୍ଦ୍ଦେଶକ ଡ. ଜି. କର ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରକୁ କମାଇ ଝୋଟ ବ୍ୟବହାର ବଢାଇବାକୁ ପରାମର୍ଶ ଦେଇଛନ୍ତି। ଆଇସିଏଆର୍ ଜାତୀୟ ପ୍ରାକୃତିକ ତନ୍ତୁ ଇଞ୍ଜିନିୟରିଂ ଓ ପ୍ରଯୁକ୍ତି ସଂସ୍ଥାନ କୋଲକାତାର ନିର୍ଦ୍ଦେଶକ ଡ. ଡି. ବି. ଶୋଯ୍ୟୱର ଯୋଗଦେଇ କହିଥିଲେ, ରୋବୋଟିକ ପ୍ରଯୁକ୍ତି ଝୋଟ କ୍ଷେତ୍ରକୁ ସ୍ମାର୍ଟ ଓ ଆଧୁନିକ କୃଷି ପ୍ରଣାଳୀ ସହିତ ସମନ୍ୱୟ କରି ଗ୍ଲୋବାଲ ପ୍ରତିଯୋଗିତାରେ ଶକ୍ତିଶାଳୀ କରିପାରିବ। ବର୍ତ୍ତମାନ ସମୟରେ ଝୋଟ ଉତ୍ପାଦନକୁ ଗୁରୁତ୍ୱ ଦେବା ପାଇଁ ଚାଷୀଙ୍କୁ ସଚେତନ କରାଇବାର ସମୟ ଆସିଛି। ସେହିପରି




କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

### ଓୟୁଏଟିରେ କର୍ମଶାଳା

ଆଇସିଏଆର୍ ସହାୟକ ମହାନିର୍ଦ୍ଦେଶକ ଡ. ପି. କେ. ଦାଶ କହିଛନ୍ତି, ଜର୍ମପ୍ଲାଜମ ଉନ୍ନତ କରିବାର ଆବଶ୍ୟକତା ରହିଛି, ଯାହା ଚାଷୀଙ୍କ ପାଇଁ ସହାୟକ ହେବ। ଆଇସିଏଆର୍ ସହାୟକ ମହାନିର୍ଦ୍ଦେଶକ (ବୀଜ)ର ଡ. ସଞ୍ଜୀବ ଗୁପ୍ତା ଯୋଗଦେଇ କହିଛନ୍ତି, ଝୋଟ ଉତ୍ପାଦନ ବର୍ତ୍ତମାନ ପ୍ଲାଷ୍ଟିକର ବିକଳ୍ପ ଭାବେ ବ୍ୟବହାର ହୋଇପାରୁଛି। ବଜାର ଚାହିଦା ସହ ଚାଷୀଙ୍କୁ ସଂଯୋଗ କରାଯାଇପାରିଲେ ଏହାର ଉତ୍ପାଦନ ବୃଦ୍ଧି ହୋଇପାରିବ ବୋଲି ସେ ମତ ଦେଇଛନ୍ତି। ଉତ୍ତମ ଗୁଣବତ୍ତା ପରଖି ସରକାରୀ ପ୍ରୋତ୍ସାହନ ବଳରେ ଝୋଟ ଉତ୍ପାଦନ ରାଜ୍ୟରେ ବୃଦ୍ଧି ପାଇପାରିବ ବୋଲି ସଭାପତିତ୍ୱ ଅଭିଭାଷଣରେ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ବିଶ୍ୱବିଦ୍ୟାଳୟର ଗବେଷଣା ଅଧ୍ୟକ୍ଷ ଡ. ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଏବଂ କାର୍ଯ୍ୟକ୍ରମର ସଂଯୋଜକ ସାରିକା ଜେନା ଧନ୍ୟବାଦ ଦେଇଥିଲେ।

# ଧାନ ଉଠାଇଲାନି ମିଲର, ଚାଷୀଙ୍କ ଧାରଣା

ଜଟଣୀ,୨୪।୨(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗିରହିଛି। ଚାଷୀଙ୍କୁ ମିଳିଥିବା ଟୋକନ ଅବଧି ସରିଆସୁଥିବା ବେଳେ ଧାନ କିଣାଯାଉନାହିଁ। ଫଳରେ ଚାଷୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀ ବ୍ଲକ ଅନ୍ତର୍ଗତ ଛଣଘର ସେବା ସମବାୟ ସମିତିରେ ମଙ୍ଗଳବାର ଧାନ ଦେବା ପାଇଁ ଚାଷୀମାନେ ଅପେକ୍ଷା କରିଥିବା ବେଳେ ମିଲର ଧାନ ନ ଉଠାଇବାରୁ ଚାଷୀମାନେ ଗାଡ଼ିକୁ ଅଟକାଇବା ସହ ଧାରଣା ଦେଇଥିଲେ।

ସୂଚନା ମୁତାବକ, ଛଣଘର ସେବା ସମବାୟ ସମିତି ପକ୍ଷରୁ ମଙ୍ଗଳବାର ୪ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଥିଲା। ଟୋକନ ପାଇଥିବା ଚାଷୀମାନେ ସକାଳ ୬ରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମଣ୍ଡିରେ ଧାନବସ୍ତା ଧରି ମିଲରଙ୍କୁ ଅପେକ୍ଷା କରିଥିଲେ। ଅପରାହ୍ଣରେ ହଠାତ୍ ବର୍ଷା ହେବା ଫଳରେ ମଣ୍ଡିରେ ପଡ଼ିରହିଥିବା ଧାନ ବସ୍ତା ଓଦା ହୋଇଯାଇଥିଲା। ଫଳରେ ମିଲର ଧାନ ନେବେନାହିଁ ବୋଲି କହିବା ପରେ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ମିଲର ଧାନ ନେବା ପାଇଁ ଆଣିଥିବା ଗାଡ଼ିକୁ ଅଟକାଇଥିଲେ। ପରେ ମିଲରଙ୍କ ମନମାନି ବିରୋଧରେ ସ୍ଥାନୀୟ ଅଞ୍ଚଳର ଯୁବ ନେତା ପବିତ୍ର ବିଶ୍ୱାଳ, ସୁବାଶିଷ ପରିଡା, ପୂର୍ଣ୍ଣଚନ୍ଦ୍ର ପରିଡା, ବିନୟ ସାହୁ, ଅର୍ଜୁନ କୁମାର ରାଉତରାୟ, ବିରଞ୍ଚି ବେହେରା ପ୍ରମୁଖ ଗ୍ରାମବାସୀ ଉକ୍ତ ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ ବୋଲି ବିଜେଡି ଯୁବନେତା ପବିତ୍ର ବିଶ୍ୱାଳ କହିଛନ୍ତି। ଏ ସମ୍ପର୍କରେ ଛଣଘର ସେବା ସମବାୟ ସମିତି ସଭାପତି ବସନ୍ତ ସ୍ୱାଇଁ କହିଛନ୍ତି, ବୁଢ଼ାପଡ଼ାସ୍ଥ ମା'ତାରିଣୀ ମିଲର ୪ ଜଣ ଚାଷୀଙ୍କ ଧାନ ନେବା ପାଇଁ ମଙ୍ଗଳବାର ପୂର୍ବାହ୍ଣ ୧୧ଟା ସମୟ ଧାର୍ଯ୍ୟ କରିଥିଲେ। ମିଲର ଧାର୍ଯ୍ୟ ସମୟରେ ନ ଆସିବାରୁ ଧାନ ବର୍ଷାରେ ଓଦା ହୋଇଗଲା। ଫଳରେ ମିଲର ଉକ୍ତ ଓଦାଧାନକୁ ନେବା ପାଇଁ ମନା କରିବାରୁ ଚାଷୀମାନେ ମିଲର ଆଣିଥିବା ଗାଡ଼ିକୁ ଅଟକାଇବା ସହ ଧାରଣା ଦେଇଥିଲେ। ଅନ୍ୟପଟେ ଖବର ଲେଖାହେବା ପର୍ଯ୍ୟନ୍ତ ଚାଷୀଙ୍କ ଧାରଣା ଜାରି ରହିଥିବା ଜଣାପଡ଼ିଛି।



ଚାଷୀମାନେ ଧାରଣାରେ ବସିଛନ୍ତି।


ବର୍ଷାପାଣିରେ ଓଦା ହୋଇଥିବା ଧାନ।

# ଚୋରି ବାଇକ୍ ଜବତ, ଅଭିଯୁକ୍ତ ଗିରଫ

ନିରାକାରପୁର,୨୪।୨
(ମାନସ ଚନ୍ଦ୍ର ପଟ୍ଟନାୟକ)

କିଛିଦିନ ପୂର୍ବେ ନିରାକାରପୁର ଥାନା ପୋଲିସ ଏକ ଚୋରା ବାଇକ୍ ରାକେଟ୍‌କୁ ଠାବ କରିଥିଲା। ଏନେଇ ଏକ ମାମଲା(ନଂ.୨୩/୨୬) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟଚାଲାଣ ସହ ସେମାନଙ୍କଠାରୁ ବିଭିନ୍ନ ଅଞ୍ଚଳରୁ ମୋଟ୍ ୧୫ଟି ବାଇକ୍ ଉଦ୍ଧାର କରାଯାଇଥିଲା। ଏହି ମାମଲାରେ ଆହୁରି ଏକାଧିକ ଚୋରି ବାଇକ୍ ବିଭିନ୍ନ ସ୍ଥାନରେ ଥିବା ପୋଲିସକୁ ସୂଚନା ମିଳିଥିଲା। ଏନେଇ ସବ୍‌ଇନ୍‌ସ୍ପେକ୍ଟର ଦୀପାଳିଶା ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମଙ୍ଗଳବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ତାଙ୍କଠାରୁ ମଧ୍ୟ ଏକ ଚୋରା ବାଇକ୍ (ଓଆର ୦୨ଆର୍ ୫୫୩୯) ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବେଗୁନିଆ ଥାନା ଅଧୀନ କଡ଼ବ-ଦେଉଳି ଗ୍ରାମର ବାବନ ଓରଫ୍ ରାଜେଶ ସେଠୀ (୨୧)। ପରେ ଏହି ଜବତ ବାଇକ୍‌କୁ ପିପିଲି ଥାନା ଅଧୀନ କାକୁଡ଼ିଆ-ହରିରାଜପୁର ଗ୍ରାମର ମନୋଜ ଦାସଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

# ଟିଛିଣିରେ ନିର୍ମାଣ ହେବ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ

କୃଷ୍ଣପ୍ରସାଦ,୨୪।୨
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପଞ୍ଚାୟତର ଟିଛିଣି ଗ୍ରାମରେ ଏକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହେବ। ଗ୍ରାମର ତ୍ରିଲୋଚନେଶ୍ୱର ବିଦ୍ୟାପୀଠଠାରେ ଏହି ଆଶ୍ରୟସ୍ଥଳୀ ନିର୍ମାଣ ନିମନ୍ତେ ସ୍ଥାନ ଚିହ୍ନଟ କରାଯାଇଥିବା ପ୍ରଶାସନିକ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଯେ, ବଙ୍ଗୋପସାଗର ସନ୍ନିକଟ ଚିଲିକା କୂଳରେ ଅବସ୍ଥିତ ଏହି ଟିଛିଣି ଗ୍ରାମ ବନ୍ୟା ଏବଂ ବାତ୍ୟା ସମୟରେ ବିଶେଷଭାବେ ପ୍ରଭାବିତ ହୋଇଥାଏ। ଗ୍ରାମବାସୀ ଆଶ୍ରୟ ନେବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଟିଛିଣିଠାରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ନିମନ୍ତେ ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଦାବିକରି ଆସୁଥିଲେ। ଏନେଇ ପ୍ରଶାସନିକ ଅଧିକାରୀମାନେ ଜିଲାପାଳ ଏବଂ ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଧାରଣ ନିର୍ବାଚନ ପରେ ଏମ୍‌ପି ଡା. ସମ୍ବିତ ପାତ୍ର ଏବଂ ବିଧାୟିକା ଉପାସନା ମହାପାତ୍ରଙ୍କ ପକ୍ଷରୁ ଏନେଇ ଉଦ୍ୟମ ଆରମ୍ଭ ହୋଇଥିଲା। ଟିଛିଣିଠାରେ ଏକ ଅତ୍ୟାଧୁନିକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ନିମନ୍ତେ ସରକାରୀ ସ୍ତରରେ ନିଷ୍ପତ୍ତି ହେବା ପରେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଟିଛିଣି ଗ୍ରାମ୍ୟ କମିଟି ସଭାପତି ଦୀନବନ୍ଧୁ ଜେନା, ସମ୍ପାଦକ ହିରଣ୍ୟ ଜେନା, ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା, ଶ୍ରୀଧର ପଲେଇ, କୁମର ସାହୁ, ପ୍ରଦୀପ ତରେଇ, ଅମିନ ଦାସ, ଏକାଦଶୀ ଜେନା, ଲିଙ୍ଗରାଜ ପଲେଇଙ୍କ ସମେତ ଗ୍ରାମବାସୀ ଏମ୍‌ପି ଏବଂ ବିଧାୟିକାଙ୍କ ସହ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।


କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ବାଘମାରୀ ନିକଟ ଅତ୍ରି ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ମଞ୍ଚ ଭାଙ୍ଗିଯାଇଛି। (ଫଟୋ: ମିହିର ରଞ୍ଜନ ମହାପାତ୍ର)

## ଦେଶୀ ମଦ ସହ ବାଇକ୍ ଜବତ, ୩ ଗିରଫ

ବେଗୁନିଆ,୨୪।୨(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ରେଞ୍ଜ ନୀରିକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା କର୍ମଚାରୀଙ୍କ ସହଯୋଗରେ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୦୫ଲିଟର ଦେଶୀ ମଦ ସହିତ ୧୨ହଜାର ୫ଶହ ଟଙ୍କା ଏବଂ ୯ଲିଟର ବିଅର, ଏକ ବାଇକ୍ ଏବଂ ତାଡ଼ି ୧୦ଲିଟର ଜବତ କରାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ମଧୁ ପ୍ରଧାନ, ସନାତନ ବଳିୟାରସିଂହ ଏବଂ ଭଞ୍ଜ ବେହେରା। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ସେବାୟତ ଶରତ ଚନ୍ଦ୍ରଙ୍କ ବିୟୋଗରେ ସ୍ମୃତିଚାରଣ

ଖୋର୍ଦ୍ଧା,୨୪।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଲୋକେଶ୍ୱର ଦେବଙ୍କ ପୀଠରେ ନିଖିଳ ଉତ୍କଳ ମନ୍ଦିରାଧିଶ ପୂଜକ ମହାସଂଘ ପକ୍ଷରୁ ଏକ ବୈଠକ ଗତ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୁଣନିଧି ମହାପାତ୍ର ସଭାପତିତ୍ୱ କରିଥିଲେ। ସଂଘର ବରିଷ୍ଠ ସଭ୍ୟ ଶରତ ଚନ୍ଦ୍ର ମହାପାତ୍ରଙ୍କ ବିୟୋଗରେ ସ୍ମୃତିଚାରଣ କରାଯାଇଥିଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବୈକୁଣ୍ଠ ନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ସଭା ପରିଚାଳିତ ହୋଇଥିଲା। ସ୍ୱର୍ଗତ ମହାପାତ୍ରଙ୍କ ସାଙ୍ଗଠନିକ ଦକ୍ଷତା ଉପରେ ସଦସ୍ୟମାନେ ଆଲୋକପାତ କରିଥିଲେ। ଦୀର୍ଘ ବର୍ଷ ଧରି ସେ ଖୋର୍ଦ୍ଧା, ବୋଲଗଡ଼, ବେଗୁନିଆ, ବାଙ୍କୀ, ଟମପଡ଼ା, ଆଠଗଡ଼, ଟିଗିରିଆ, ବଡ଼ମ୍ବା, ଅନୁଗୋଳ, ଗଣିଆ, ଦଶପଲ୍ଲା, ଖଣ୍ଡପଡ଼ା, ନୟାଗଡ଼, ଶରଣକୂଳ ଆଦି ବୁଲିମଠ ମନ୍ଦିରରେ କାର୍ଯ୍ୟରତ ପୂଜକ, ସେବାୟତଙ୍କ ଆର୍ଥିକ ବିକାଶ, ମୌଳିକ ସୁବିଧା ପାଇଁ କାର୍ଯ୍ୟ କରିବା ସହ ସଙ୍ଗଠନକୁ ଦୃଢ଼ କରିଥିଲେ ବୋଲି ତ୍ରିଲୋଚନ ମହାପାତ୍ର କହିଛନ୍ତି। ଖଗେଶ୍ୱର ମହାପାତ୍ର, କଂଗ୍ରେସ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ମହେଶ୍ୱର ରଣା, ପଞ୍ଚାନନ ମହପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ଦକ୍ଷିଣ ଦଣ୍ଡକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ


କଳସ ଶୋଭାଯାତ୍ରାରେ ମହିଳାମାନେ।

କୃଷ୍ଣପ୍ରସାଦ,୨୪।୨
(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଟିଟିପ ପଞ୍ଚାୟତର ଦେଉଳପଡ଼ା ବାଉରୀପଲ୍ଲୀ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଦକ୍ଷିଣ ଦଣ୍ଡକାଳୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଗ୍ରାମର ମହିଳାମାନେ ନିକଟ ସମୁଦ୍ରରୁ କଳସରେ ପାଣି ଆଣି ଗ୍ରାମ ପରିକ୍ରମା କରିବା ପରେ ମନ୍ଦିର ପ୍ରାଙ୍ଗଣରେ ପୂର୍ଣ୍ଣ କଳସ ସ୍ଥାପନା କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଶରତ ପାହାଣଙ୍କ ନେତୃତ୍ୱରେ ଗ୍ରାମ୍ୟ ସଭ୍ୟ, ଯୁବକ ସଂଘ ସହଯୋଗ କରୁଛନ୍ତ। ସଂକୀର୍ତ୍ତନ ମଣ୍ଡଳୀ ଅହୋରାତ୍ର ନାମ ପରିବେଷଣ କରୁଥିବାରୁ ହରିବୋଲ, ହୁଳହୁଳିରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ପଣ୍ଡିତ ନୃସିଂହ ରଥ, ରାମଚନ୍ଦ୍ର କର, ଅକ୍ଷୟ ରଥ, ବୁଲୁ ରଥ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ରୀତିନୀତି ହେବ। କର୍ତ୍ତା ଭାବେ ଗ୍ରାମ୍ୟ କମିଟି ସଭ୍ୟ ବ୍ରଜ ପାହାଣ ଓ ତାଙ୍କ ସ୍ତ୍ରୀ ସୁକାନ୍ତି ଯୋଗଦେଇଛନ୍ତି। ମହିଳାମାନେ ଗାଁଦାଣ୍ଡରେ ଝୋଟି ପକାଇଥିବା ବେଳେ ନୂତନ ମନ୍ଦିର ସହ ଗ୍ରାମର ଗ୍ରାମଦେବତୀ ମା' ବିରିଜାଈ, ତ୍ରିନାଥ ମନ୍ଦିରକୁ ରଙ୍ଗିନ ଆଲୋକରେ ସଜ୍ଜିତ କରାଯାଇଛି। ଦେଉଳପଡା, ନୂଆଗାଁ, କମଳାସିଂ ଗ୍ରାମବାସୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସହଯୋଗ କରୁଛନ୍ତି।

## ଗଞ୍ଜେଇ ଜବତ, ଜଣେ ଗିରଫ

ଟାଙ୍ଗୀ,୨୪।୨(ରଘୁନାଥ ସାହୁ)

ଟାଙ୍ଗୀ ଅବକାରୀ ଥାନା ପୋଲିସ ଚଢ଼ାଉ କରି ୨କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଟାଙ୍ଗୀ ତଳସାହି ଛକସ୍ଥିତ ଅରୁଣ କୁମାର ବେହେରା। ସେ ଦୀର୍ଘଦିନ ହେବ ବେଆଇନଭାବେ ମଦ, ଗଞ୍ଜେଇ, ଭାଙ୍ଗ ବିକ୍ରି କରୁଥିବା ନେଇ ଅଭିଯୋଗ ହେଉଥିଲା। ଅବକାରୀ ଥାନା ସବଇନ୍‌ସ୍ପେକ୍ଟର ରମେଶ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ।

# ବେଆଇନ ଖଣିରେ ଚଢ଼ାଉ, ୨ ହାଇୱା ଜବତ

ଟାଙ୍ଗୀ,୨୪।୨(ରଘୁନାଥ ସାହୁ)

ରଣପୁର ତହସିଲ ଅନ୍ତର୍ଗତ ଚାନ୍ଦପୁର ଥାନାର ବଳରାମପୁର, ନୂଆପଡ଼ା, ନାକିଠଣା, ପଟିଆ, ଜଙ୍କିଆ ଅଞ୍ଚଳରେ ଗ୍ରାନାଇଟ୍ ପଥର ଫଟାଇବା, ମାଙ୍କଡ଼ା ପଥର କାଟି ବେଆଇନ ଭାବେ ଚୋରାଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏହି ଖଣିରେ ବଡ଼ ଗର୍ତ୍ତ ହେବା ଯୋଗୁ ଜୀବଜନ୍ତୁ ଓ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି। ମଙ୍ଗଳବାର ହଠାତ୍ ଖଣି ବିଭାଗ ପକ୍ଷରୁ ବେଆଇନ ଖଣିରେ ଚଢ଼ାଉ କରାଯାଇ ଦୁଇଟି ହାଇୱା ଜବତ କରାଯାଇଥିବା ବେଳେ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପ୍ରକାଶ ଯେ, ଗତ ସୋମବାର ରଣପୁର ବ୍ଲକ କାର୍ଯ୍ୟାଳୟରେ ନୟାଗଡ଼ ଜିଲାପାଳ ମଧୁମିତା ରଥ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ବେଆଇନ ଖଣି ସମ୍ପର୍କରେ ଅଭିଯୋଗ ପାଇଥିଲେ। ରଣପୁର ତହସିଲଦାର ଆର୍ଯ୍ୟ କୁମାର ସରଦମନଙ୍କ ଦ୍ୱାରା ଖଣି ବିଭାଗକୁ ସୂଚନା ଦିଆଯିବା ପରେ ଜୁନିଅର ମାଇନିଂ ଅଫିସର ଦେବାଶିଷ ନାୟକ ଏବଂ ଚାନ୍ଦପୁର ଥାନା ପୋଲିସ ବାହିନୀ ଦ୍ୱାରା ଚଢ଼ାଉ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ନିଖିଳ ଓଡ଼ିଶା ସମବାୟ, କୃଷି ଓ ଗ୍ରାମ୍ୟ ଉନ୍ନୟନ କର୍ମଚାରୀ ସଂଘ

ଖୋର୍ଦ୍ଧା,୨୪।୨(ପ୍ରଭାତ ପାଣିଗ୍ରାହୀ)

**କୃଷି ଓ ସମବାୟ କ୍ଷେତ୍ରକୁ ବଜେଟରେ ଅଗ୍ରାଧିକାର**

ନିଖିଳ ଓଡ଼ିଶା ସମବାୟ, କୃଷି ଓ ଗ୍ରାମ୍ୟ ଉନ୍ନୟନ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ୨୦୨୬-୨୭ ସ୍ଥାୟୀ ସଭାପତି ଶ୍ରୀରଞ୍ଜନ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଥମିକ କାର୍ଡ ବ୍ୟାଙ୍କମାନଙ୍କରେ କାର୍ଯ୍ୟରତ ଏବଂ ସେବାନିବୃତ୍ତ କର୍ମଚାରୀମାନଙ୍କ ଦୀର୍ଘଦିନର ବକେୟା ପ୍ରାପ୍ୟ ପର୍ଯ୍ୟାୟକ୍ରମେ ପ୍ରଦାନ କରାଯାଇଛି। ସମବାୟ ଏବଂ କୃଷି କ୍ଷେତ୍ରକୁ ରାଜ୍ୟ ବଜେଟରେ ପ୍ରାଧାନ୍ୟ ଦିଆଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟରେ ବୃହତ୍‌କାୟ ଗୋଦାମ ଗୃହ ପାଇଁ ୨୪୦ କୋଟି ଏବଂ ୧୦୦ଟି ଆଦର୍ଶ ମଣ୍ଡି ନିମନ୍ତେ ୧୦୦ କୋଟି ଟଙ୍କାର ବ୍ୟୟବରାଦ ସହିତ ସମବାୟ ବିଭାଗକୁ ୨୩୩୪.୪୬ କୋଟି ଟଙ୍କାର ଅର୍ଥ ରାଶି ବ୍ୟୟବରାଦ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସଭାପତି ମଙ୍ଗରାଜ କହିଛନ୍ତି। ଏହି ଅବସରରେ ସଂଘର ପୁରାତନ କମିଟିକୁ ଭଙ୍ଗ କରାଯାଇ ନୂତନ କମିଟି ଗଠନ କରାଯାଇଛି। ଶ୍ରୀରଞ୍ଜନ ମଙ୍ଗରାଜ ପୁନଃ ସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିପରି କ୍ଷୀରୋଦା ମହାନ୍ତିଙ୍କୁ ସାଧାରଣ ସମ୍ପାଦିକା ଏବଂ ଲୋକନାଥ ପାତ୍ରଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି।

# ୨ କେନ୍ଦ୍ରମନ୍ତ୍ରୀ, ସାଂସଦଙ୍କ ବିରୋଧରେ ଏସ୍‌ପିଙ୍କୁ ଦାବିପତ୍ର

ଖୋର୍ଦ୍ଧା,୨୪।୨(ପ୍ରଭାତ ପାଣିଗ୍ରାହୀ)

**ରାହୁଲ ଗାନ୍ଧୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗ**

ଲୋକ ସଭା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ପ୍ରତିବାଦରେ ମଙ୍ଗଳବାର ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ଭାଜପାର ଦୁଇ କେନ୍ଦ୍ରମନ୍ତ୍ରୀ ଏବଂ ଜଣେ ସାଂସଦଙ୍କ ବିରୋଧରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ, ସାଂସଦ ନିଶିକାନ୍ତ ଦୁବେଙ୍କ ବିରୋଧରେ ଏହି ଅଭିଯୋଗ କରାଯାଇଛି। ଅପମାନଜନକ ଭାଷା ପ୍ରୟୋଗ, ମାନହାନି, ଉଦ୍ଦେଶ୍ୟମୂଳକ ଭାବେ ଅପମାନ ଏବଂ ଜନମାନସରେ ବିଭ୍ରାନ୍ତ ସୃଷ୍ଟିକାରୀ ବୟାନ ଦେବା ଏବଂ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ୨୦୨୩ ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ମାମଲା ପଞ୍ଜୀକରଣ ଦାବି କରିଛନ୍ତି। ବିଏନ୍‌ଏସ୍ ଧାରା ୩୫୬(ମାନହାନି) ମିଥ୍ୟା ଅଭିଯୋଗ ମାଧ୍ୟମରେ ରାହୁଲଙ୍କ ପ୍ରତିଷ୍ଠାକୁ କ୍ଷତିପହଞ୍ଚାଇବା, ଧାରା ୩୫୧(ଅପରାଧିକ ଭୟ)ତାଙ୍କୁ ରାଜନୀତିରୁ ନିଷିଦ୍ଧ କରିବା ପାଇଁ ଧମକ, ଧାରା ୩୫୨(ଶାନ୍ତି ଭଙ୍ଗ କରିବା ଉଦ୍ଦେଶ୍ୟରେ) ଅପମାନଜନକ ଶବ୍ଦ ପ୍ରୟୋଗ, ତାଙ୍କ ଚରିତ୍ରକୁ ଅପମାନିତ କରିବା, ଧାରା ୩୫୩ ଅନୁଯାୟୀ ଶତ୍ରୁତାକୁ ପ୍ରୋତ୍ସାହିତ କରିବା ତଥା ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ଏବଂ ବିବାଦ ସୃଷ୍ଟିକାରୀ ବିବୃତି ଦେବା ଅଭିଯୋଗରେ ମାମଲା ପଞ୍ଜୀକରଣ ଦାବି କରିଛି ଜିଲା କଂଗ୍ରେସ। ଏଥିସହିତ କେନ୍ଦ୍ରମନ୍ତ୍ରୀ ପୁରୀଙ୍କ ଏପଷ୍ଟାଇନ ଲିଙ୍କ ପାଇଁ ବିଏନ୍‌ଏସ୍ ଧାରା ୧୪୩, ଧାରା ୧୦୯ ଲାଗୁ କରିବାକୁ ଦାବି କରିଛନ୍ତି। ପୁରୀଙ୍କ ଏପଷ୍ଟାଇନଙ୍କ ସହ କଣ ସମ୍ପର୍କ ରହିଛି, ତାଙ୍କୁ ତଦନ୍ତ ପରିସର ଭୁକ୍ତ କରାଯାଉ। ନିରପେକ୍ଷ ତଦନ୍ତ ସହ ଇସ୍ତଫା ଦେବାକୁ ଦାବି କରିଛି କଂଗ୍ରେସ। ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ନଗର କଂଗ୍ରେସ ସଭାପତି ରଣଜିତ ମହାପାତ୍ର ଏବଂ ଅନ୍ୟମାନେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତିଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ।


ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତିଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

# ବେନାମୀ ଆକାଉଣ୍ଟରେ ଟଙ୍କା କାରବାର, ସାଇବର ଠକ ଗିରଫ

ଖୋର୍ଦ୍ଧା,୨୪।୨(ପ୍ରଭାତ ପାଣିଗ୍ରାହୀ)

ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସାଧାରଣ ଜନତାଙ୍କ ସହ ବନ୍ଧୁତା ସ୍ଥାପନ କରି ବେନାମୀ ଆକାଉଣ୍ଟ ଖୋଲି ଟଙ୍କା କାରବାର ଅଭିଯୋଗରେ ବାଘମାରୀ ଥାନା ପୋଲିସ ଜଣେ ସାଇବର ଠକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଟକ ବିଡ଼ାନାସୀ ଥାନା ଅନ୍ତର୍ଗତ ମଙ୍ଗଳାଛକ ଅଞ୍ଚଳର ଜ୍ଞାନରଞ୍ଜନ ସାହୁ (୩୮)। ପୋଲିସ ତାଙ୍କୁ ପୁରୀ ଲୋକନାଥ ମନ୍ଦିର ନିକଟରୁ ଗିରଫ କରିଥିଲା।

ସୂଚନା ମୁତାବକ, ଅନ୍ତର୍ଜାତୀୟ ଓ ଜାତୀୟସ୍ତରରେ ସାଇବର ଅପରାଧ ବଢ଼ିଚାଲିଛି। ସାଇବର ଅପରାଧୀମାନେ ସାଧାରଣ ଜନତାଙ୍କୁ ନୂଆ ତରିକାରେ ଲକ୍ଷାଧିକ ଟଙ୍କାର ଚୂନ ଲଗାଇବା ସହ ସେମାନଙ୍କ ନାମରେ ବେନାମୀ ଆକାଉଣ୍ଟ ଖୋଲି ସେଥିରେ ଅସାଧୁ ଉପାୟରେ ଗଚ୍ଛିତ, ଅର୍ଜିତ ଅର୍ଥ କାରବାର କରୁଛନ୍ତି। ସାଧାରଣ ଲୋକଙ୍କ ଆକାଉଣ୍ଟରେ ହଠାତ୍ ଟ୍ରାଞ୍ଜାକ୍ସନ ବଢ଼ିବା, ଆକାଉଣ୍ଟଧାରୀଙ୍କ ପ୍ରୋଫାଇଲ ସହିତ ଅସଙ୍ଗତ କାରବାର, ଅପରାଧୀମାନେ ବେଆଇନ ପାଣ୍ଠିକୁ ଏହି ଆକାଉଣ୍ଟ ଗୁଡ଼ିକରେ ସ୍ଥାନାନ୍ତର କରନ୍ତି ଏବଂ ପରେ ବିଭିନ୍ନ ଚ୍ୟାନେଲ ମାଧ୍ୟମରେ ଏହାକୁ ଅସ୍ପଷ୍ଟ କରିବାକୁ ଟଙ୍କା ସ୍ଥାନାନ୍ତର କରନ୍ତି। ଏହି ପ୍ରକ୍ରିୟା ଅପରାଧୀମାନଙ୍କୁ ଟଙ୍କାର ପ୍ରକୃତ ଉତ୍ସ ଏବଂ ଗନ୍ତବ୍ୟସ୍ଥଳ ଲୁଚାଇବାରେ ସାହାଯ୍ୟ କରେ, ଯାହା କର୍ତ୍ତୃପକ୍ଷଙ୍କ ପାଇଁ ବେଆଇନ କାର୍ଯ୍ୟକଳାପକୁ ଠାବ କରିବା କଷ୍ଟକର କରିଥାଏ। ରାଜ୍ୟରେ ଏଭଳି ଘଟଣା ପଦାକୁ ଆସିବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବେନାମୀ ଆକାଉଣ୍ଟ ବନ୍ଦ କରିବା ତଥା ଅପରାଧୀଙ୍କୁ ଗିରଫ ପାଇଁ ରାଜ୍ୟସ୍ତରରେ ଅପରେଶନ କବଚ ଗତ ୧୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଚାଲୁଛି। ଏନେଇ ରାଜ୍ୟ ପୋଲିସ ପକ୍ଷରୁ ସମସ୍ତ ଜିଲାକୁ ସତର୍କ କରିଦିଆଯାଇଛି। ଜିଲା ପୋଲିସ ମୁଖ୍ୟାଳୟ ନିର୍ଦ୍ଦେଶକ୍ରମେ ବାଘମାରୀ ପୋଲିସ ପକ୍ଷରୁ ବେନାମୀ ଆକାଉଣ୍ଟ ଟ୍ରାଞ୍ଜାକ୍ସନ ଏବଂ ସାଇବର ଅପରାଧୀଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ଏହି ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ନାଁରେ ବେନାମୀ ଆକାଉଣ୍ଟ ଚାଲିଥିବା ପୋଲିସ ଜାଣିବାକୁ ପାଇ ଖୋଳତାଡ଼ ଆରମ୍ଭ କରିଥିଲା। ତଦନ୍ତ ବେଳେ ସମ୍ପୃକ୍ତ ଅଭିଯୁକ୍ତ ଜ୍ଞାନରଞ୍ଜନଙ୍କୁ ଠାବ କରିବା ସହ ପୁରୀ ଲୋକନାଥ ମନ୍ଦିର ନିକଟରୁ ଗିରଫ କରିଥିଲା। ଏନେଇ ଥାନାର ଏସ୍‌ଆଇ ପୁଷ୍ପଲତା ଲେଙ୍କାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୫୪/୨୬) ରୁଜୁ ହୋଇଥିବା ଆଇଆଇସି ସୁଚିତ୍ରା ଜେନା କହିଛନ୍ତି। ଏଥିସହ ପୋଲିସ ୩ଟି ବେନାମୀ ଆକାଉଣ୍ଟ ଫ୍ରିଜ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।



## କଣାସରେ ବେଆଇନ ଇଟାଭାଟି

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- ଇଟାଭାଟି ପ୍ରଦୂଷଣ ଯୋଗୁ ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ବେଆଇନ ଇଟାଭାଟି ଭାଙ୍ଗିବାରେ ଲାଗିଛନ୍ତି। କଣାସ ବ୍ଲକ ଗଡ଼ବଳଭଦ୍ରପୁର ପଞ୍ଚାୟତ ବୋତଲମା ଗ୍ରାମ ନିକଟରେ ଦୟା ଓ ମକରା ନଦୀପଠାରେ ମାଳ ମାଳ ଇଟାଭାଟି ରହିଛି। ବୋତଲମା ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଇଟାଭାଟି ଥିବାରୁ ଛାତ୍ରୀଛାତ୍ରମାନେ ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ବାୟୁ ପ୍ରଦୂଷଣ ଯୋଗୁ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଲେଣି। ଏ ସମ୍ପର୍କରେ କଣାସ ତହସିଲ୍ଦାର ହିମାଂଶୁ ଶେଖର ଗିରି କହିଛନ୍ତି, ମୋତେ କେତେଜଣ ଇଟାଭାଟି କରିବା ପାଇଁ କହୁଥିଲେ, ମୁଁ କିନ୍ତୁ ସେମାନଙ୍କୁ ମନା କରିଥିଲି। କିନ୍ତୁ ଏବେ ଶୁଣୁଛି ଉକ୍ତ ବ୍ୟକ୍ତିମାନେ କଥା ନ ମାନି ଇଟାଭାଟି କରିଛନ୍ତି। ତେଣୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୨।୨୦୨୬

| | |
|---|---|
| ୫,୮୯,୦୯୦ ଟଙ୍କା | |
| ସୁନା | ୪ ଗ୍ରାମ୍ |
| ରୁପା | ୪.୮୦୦ ଗ୍ରାମ୍ |

# ଅଗ୍ନିଉତ୍ସବ, ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଉପରେ ମୋହର




ବୈଠକରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ସମେତ ଅଧିକାରୀ ଓ ଛତିଶା ନିଯୋଗର ସଦସ୍ୟମାନେ ।

ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)

ଅଗ୍ନି ଉତ୍ସବ ବା ମେଣ୍ଢାପୋଡ଼ି, ଦୋଳପୂର୍ଣ୍ଣମୀ ନୀତିନିର୍ଘଣ୍ଟ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନେଇ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ନୀତି ସବ୍‌କମିଟି ଏବଂ ଛତିଶା ନିଯୋଗ ଯୁଗ୍ମ ବୈଠକ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଦୋଳପୂର୍ଣ୍ଣମୀରେ ଗ୍ରହଣ ଲାଗୁଥିବାରୁ ନୀତିନିର୍ଘଣ୍ଟକୁ ନେଇ ବିଶେଷ ଭାବେ ଆଲୋଚନା କରାଯାଇ ମୋହର ବାଜିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନୀତି ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇ ମେଣ୍ଢାପୋଡ଼ି ଓ ଦୋଳପୂର୍ଣ୍ଣମା ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଥିଲା।

ମାର୍ଚ୍ଚ ୨ରେ ମେଣ୍ଢାପୋଡ଼ି ଓ ୩ରେ ଦୋଳପୂର୍ଣ୍ଣମୀ ନୀତିନିର୍ଘଣ୍ଟ ଉପରେ ମୋହର ବାଜିଛି। ନୀତିନିର୍ଘଣ୍ଟ ଅନୁଯାୟୀ, ୨ ଓ ୩ ତାରିଖ ରାତି ୧ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟି ଅନ୍ୟାନ୍ୟ ନୀତିକାନ୍ତି ହେବା ପାଇଁ ନିଷ୍ପତ୍ତି ହୋଇଛି। ସେହପରି ୩ ତାରିଖ ଦୋଳପୂର୍ଣ୍ଣମୀ ଦିନ ଦୋଳବେଦି ଉପରେ ସ୍ୱତନ୍ତ୍ର ନୀତିକାନ୍ତି ଠିକ୍ ସମୟରେ ସମ୍ପାଦନ ସହ ଭକ୍ତ କିଭଳି ବ୍ୟବସ୍ଥିତ ଓ ଶୃଙ୍ଖଳିତ ଦର୍ଶନ କରିବେ ସେନେଇ ସମସ୍ତ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଛି।

ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ଛତିଶା ନିଯୋଗ ଓ ନୀତି ସବ୍‌କମିଟିର ଯୁଗ୍ମ ବୈଠକ ଅନୁଷ୍ଠିତ ହୋଇଛି। ଦୋଳପୂର୍ଣ୍ଣମୀରେ ଚନ୍ଦ୍ରଗ୍ରହଣ

### ଛତିଶା ନିଯୋଗ ବୈଠକ

ପଡୁଥିବାରୁ ନୀତିବହୁଳ ରହୁଛି। ୧ ତାରିଖଠାରୁ ନୀତିନିର୍ଘଣ୍ଟ କରାଯାଇଛି। ୧ ତାରିଖ ଭୋର୍ ୩ଟାରୁ ଦ୍ୱାର ଫିଟାଯିବ, ରାତ୍ର ୧୧ଟା ସୁଦ୍ଧା ରାତ୍ରପହୁଡ଼ କରାଯିବ। ସେହିପରି ୨ ତାରିଖ ମେଣ୍ଢାପୋଡ଼ି ନୀତି ଅନୁଷ୍ଠିତ ହେବ। ଉକ୍ତ ଦିନ ରାତି ୧ଟାରୁ ଦ୍ୱାର ଫିଟାଯାଇ ନୀତି କରାଯାଇ ରାତି ୧୧ଟାରେ ପହୁଡ଼ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ୩ ତାରିଖ ଦୋଳପୂର୍ଣ୍ଣମା ଦିନ ରାତି ୧ଟାରୁ ଦ୍ୱାରଫିଟା ନିଷ୍ପତ୍ତି ହେବ। ନୀତିବହୁଳ ଥିବାରୁ ଭିତରକାଠ ଦର୍ଶନ ବନ୍ଦ ରହିବ।

୩ ତାରିଖ ସକାଳ ୬ଟା ୮ ମିନିଟ୍‌ରେ ପାକତ୍ୟାଗ ରହିଛି, ଗ୍ରହଣ ସ୍ପର୍ଶ ୩ଟା ୨୦ ମିନିଟ୍ ରହିଛି, ସନ୍ଧ୍ୟା ୬ଟା ୪୭ ଗ୍ରହଣ ଶେଷହେବ। ଏହାଛଡ଼ା ଦୋଳବେଦିରେ ହେବାକୁଥିବା ନୀତିଗୁଡ଼ିକର ନୀତିନିର୍ଘଣ୍ଟ ଅନୁମୋଦନ କରାଯାଇଛି। ସକାଳ ୭ରେ ଶ୍ରୀମନ୍ଦିରରୁ ଦୋଳବେଦିକୁ ଠାକୁର ବିଜେ କରିବେ। ରାତି ୩ଟାରେ ଠାକୁର ଶ୍ରୀମନ୍ଦିର ବାହୁଡ଼ାବିଜେ କରିବେ। ସମସ୍ତ ନୀତିନିର୍ଘଣ୍ଟ ସ୍ଥିର କରାଯାଇଛି। ଗ୍ରହଣ ଶେଷହେବା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସୁନାବେଶ ରାତି ୮ଟାରୁ ୯ଟା ୩୦ ଭିତରେ ଅନୁଷ୍ଠିତ ହେବ। ତେବେ ନୀତି ନିର୍ଦ୍ଧାରଣକୁ ଦେଖି ଉକ୍ତ ଦିନର ନୀତି ସମ୍ପାଦନ ହେବ। ଉକ୍ତ ଦିନ ସଅଳ ନୀତି କରିବାକୁ ଗୁରୁତ୍ୱ ଦିଆଯିବ ବୋଲି ଉପ ମୁଖ୍ୟ ପ୍ରଶାସକ ପରିଡ଼ା ସୂଚନା ଦେଇଛନ୍ତି।

## ମହାପ୍ରଭୁଙ୍କ ତୃତୀୟ ବେଣ୍ଟନୀତି ସମ୍ପନ୍ନ

ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)

ଫାଲ୍‌ଗୁନ ଶୁକ୍ଳ ଅଷ୍ଟମୀ ତିଥି ମଙ୍ଗଳବାର ଅବସରରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ମହାପ୍ରଭୁଙ୍କ ଚଳିତବର୍ଷର ତୃତୀୟ ବେଣ୍ଟନୀତି ଶ୍ରୀଜଗନ୍ନାଥବଲ୍ଲଭ ପରିସରରେ ଥିବା ବେଣ୍ଟ ପୋଖରୀରେ ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହଙ୍କର ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକ ନୀତି ନିମନ୍ତେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଏକ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ବେଣ୍ଟ(ଶିକାର) ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେକରି ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ନେଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ବନ୍ଦାପନା ସମ୍ପନ୍ନ ହେବା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ମହାଜନଙ୍କ ହସ୍ତରେ ବେଣ୍ଟ ନୀତି ନିମନ୍ତେ ମଠ ପରିସରରେ ଥିବା ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଶରଗୁଡ଼ିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଶରଗୁଡ଼ିକୁ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳବେହେରାଙ୍କୁ ପ୍ରଦାନ କରିଥିଲେ। ଲେଙ୍କା ସେବକ ପଇଡ଼ଗୁଡ଼ିକୁ ମୃଗ ଭାବେ ବିବେଚନା କରି ଶରବିଦ୍ଧ କରିଥିଲେ। ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ଼ ରଖାଯାଇଥିଲା। ୬ଟି ପଇଡ଼ ମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇଆସିଥିଲେ। ଏହାପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ାବିଜେ କରିଥିଲେ।

## ସଂକ୍ଷେପରେ

### ନୀଳଚକ୍ର ଅକ୍ଷୟଦଣ୍ଡ ଉପରେ ବସିଲା ଚିଲ

ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ନୀଳଚକ୍ର ପତିତପାବନ ଅକ୍ଷୟଦଣ୍ଡ ଉପରେ ମଙ୍ଗଳବାର ଏକ ଚିଲ କିଛି ସମୟ ଧରି ବସିଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ଶୁଣିବାକୁ ମିଳିଛି। ମଙ୍ଗଳବାର ସକାଳ ୭ଟା ୪୦ ମିନିଟ୍‌ରେ ଏକ ଚିଲ ପ୍ରାୟ ୧୦ ମିନିଟ୍ ଧରି ଶ୍ରୀମନ୍ଦିର ନୀଳଚକ୍ର ଅକ୍ଷୟଦଣ୍ଡ ଉପରେ ବସିଥିବା ଦେଖିବାକୁ ମିଳିଥିଲା। ନୀଳଚକ୍ର ଅକ୍ଷୟଦଣ୍ଡ ଉପରେ ଚିଲ ବସିବା ଶୁଭ କି ଅଶୁଭ ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। କେତେଜଣ ସେବାୟତ ଏହାକୁ ମହାପ୍ରଭୁଙ୍କ ବଡ଼ ସଂକେତ ବୋଲି କହିଛନ୍ତି। ଚିଲ ନୀଳଚକ୍ର ଉପରେ ବସିଲେ ଦେଶରେ ବିପର୍ଯ୍ୟୟ ଘଟିଥାଏ। ଭୂମିକମ୍ପ, ଭୂସ୍ଖଳନ, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସହ ଖାଦ୍ୟାଭାବ, ଗୃହଯୁଦ୍ଧ ବୃଦ୍ଧି ପାଇଥାଏ ବୋଲି କହିଛନ୍ତି। ଆସନ୍ତା ୩ ତାରିଖ ଦୋଳପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡୁଥିବା ବେଳେ ତା'ର କିଛିଦିନ ପୂର୍ବରୁ ନୀଳଚକ୍ର ଅକ୍ଷୟଦଣ୍ଡରେ ଚିଲ ବସିବା ଘଟଣାରୁ ଆଗକୁ କିଛି ଅଶୁଭ ସଙ୍କେତ ଦେଖାଯାଇପାରେ ବୋଲି ଆଶଙ୍କା କରାଯାଉଛି।

### କ୍ଲିନ୍ ଅଫ୍ ପୁରୀ କ୍ୟାମ୍ପେନ୍

ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)

ପୁରୀର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ହାପିନେସ୍ ଫାଉଣ୍ଡେଶନ' ପକ୍ଷରୁ ମଙ୍ଗଳବାର କ୍ଲିନ୍ ଅଫ୍ ପୁରୀ କ୍ୟାମ୍ପେନ୍‌ର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶତାଧିକ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ପୁରୀ ତାଳବଣିଆ ମଧୁରଜଳ ପ୍ରକଳ୍ପ ଅଞ୍ଚଳ ସଫେଇ କରାଯାଇଛି। କାର୍ଯ୍ୟକ୍ରମ ଶ୍ରୀଜଗନ୍ନାଥ ଅନୁରାଗୀ ଟ୍ରଷ୍ଟ, ଆସୋସିଏଶନ ଅଫ୍ ଟୁଇଟର ଆକ୍ଟିଭିଷ୍ଟ, ଶ୍ରୀଜଗନ୍ନାଥ ଗୋସେବା ସଂସ୍ଥାନମ୍, ସ୍ୱଚ୍ଛ ସମାଜ ମିଶନ ଓ ଉମିଦ୍ ଫାଉଣ୍ଡେଶନର ସେଚ୍ଛାସେବୀଙ୍କ ମିଳିତ ଉଦ୍ୟମରେ ସମ୍ପନ୍ନ ହୋଇଛି। ସ୍ୱେଚ୍ଛାସେବୀ ଅଜୟ କୁମାର ପ୍ରଧାନ ଓ ସଞ୍ଜୀବ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ତାଳବଣିଆ ଥାନା ଭାରପ୍ରାପ୍ତ ଅଧିକାରୀ ଅଭିନବ ମିଶ୍ର ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ସହ ପ୍ରଶଂସା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଦୀପ୍ତ କୁମାର ପ୍ରଧାନ ଓ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ପାନମସଲା, ଗୁଟ୍‌ଖା ବିକ୍ରି: ଜଣେ ଗିରଫ

ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)

ସରକାରଙ୍କ ପକ୍ଷରୁ ନିଷିଦ୍ଧ କରାଯାଇଥିବା ପାନ ମସଲା, ଗୁଟ୍‌ଖା ଦୋକାନରେ ରଖି ବେଆଇନ ଭାବେ ବିକ୍ରି ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ମୁକୁନ୍ଦମିଶ୍ର ନଗରର ଶରତ ଚନ୍ଦ୍ର ନାୟକ (୪୫)। ପୋଲିସ ଅଭିଯୁକ୍ତଙ୍କ ଠାରୁ ଜର୍ଦ୍ଦା ପତି ୭୭ ପ୍ୟାକେଟ, କ୍ରିଷ୍ଟାଲ ପତି ୧୦ ପ୍ୟାକେଟ୍, ବାହାର ପତି ୮୬ ପ୍ୟାକେଟ, ରାଜନିବାସ ୧୫ ପ୍ୟାକେଟ୍, ମୟୁର ଗୁଣ୍ଡି ୧୫ ପ୍ୟାକେଟ, ବିମଳ ଗୁଟ୍‌ଖା ୨୦୦ ପ୍ୟାକେଟ୍ ଏବଂ ଚାଇନା ଖଇନି ୫ ପ୍ୟାକେଟ୍ ଜବତ କରିଛି। ଏନେଇ ଟାଉନ୍ ଥାନା ପୋଲିସ କେସ୍ ନଂ ୧୨୬/୨୬ ସହ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆକ୍ଟ ୨୦୦୬ ଧାରା ୨୦(୨) କୋଟପା ଆକ୍ଟ ରେ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣଙ୍କ ମାର୍କେଟ ଛକ ନିକଟରେ ଥିବା ତାଙ୍କ ପାନ ଦୋକାନରେ ବେଆଇନ ଭାବେ ପାନ ମସଲା ଓ ଗୁଟ୍‌ଖା ବିକ୍ରି କରୁଥିଲେ। ଖବରପାଇ ଉକ୍ତ ଦୋକାନରେ ଚଢ଼ାଉ କରି ବେଆଇନ ସାମଗ୍ରୀ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଆଜିଠୁ ୧୬ତମ ଜାତୀୟ ନାଟ୍ୟ ମହୋତ୍ସବ




ଖବରଦାତା ସମ୍ମିଳନୀରେ ରଙ୍ଗଶାଳାର ସଦସ୍ୟମାନେ ।

ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)

ନାଟକ ଓ ସଂସ୍କୃତିର ପ୍ରଚାର, ପ୍ରସାରକୁ ଲକ୍ଷ୍ୟକରି ୧୬ତମ ଜାତୀୟ ନାଟ୍ୟ ମହୋତ୍ସବ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରଙ୍ଗଶାଳାର ତତ୍ତ୍ୱାବଧାନରେ ଆୟୋଜନ ହେବ। ଏହି ଅବସରରେ ମଙ୍ଗଳବାର ଏକ ହୋଟେଲ ପରିସରରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ, ସାମାଜିକ କର୍ମୀ ଗିରିଶ୍ ନାୟକ, ରୂପକଳ୍ପ ମିଶ୍ର, ସମୀର ଆଚାର୍ଯ୍ୟ ଏବଂ ସ୍ୱାତୀ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରଙ୍ଗଶାଳା ପକ୍ଷରୁ ଜାତୀୟ ନାଟ୍ୟ ମହୋତ୍ସବ ଆୟୋଜନ କରାଯାଉଛି। ମହୋତ୍ସବରେ ଓଡ଼ିଶାର ପ୍ରସିଦ୍ଧ ନାଟ୍ୟ ଦଳଗୁଡ଼ିକ ନାଟକ ପରିବେଷଣ କରିବେ। ପ୍ରଥମ ସନ୍ଧ୍ୟାରେ ରଙ୍ଗଶାଳା(ପୁରୀ) ଦ୍ୱାରା ପ୍ରସ୍ତୁତ, ଡ. ସଞ୍ଜୟ ହାତୀଙ୍କ ରଚିତ ଏବଂ ବିକ୍ରମ କୁମାର ସାହୁଙ୍କ ନିର୍ଦ୍ଦେଶିତ ନାଟକ 'ବ୍ରେନ୍ ଗେନ୍ ଡଟ୍ କମ୍' ପ୍ରଦର୍ଶିତ ହେବ। ଦ୍ୱିତୀୟ ସନ୍ଧ୍ୟାରେ ମିରର୍ ଥିଏଟର(ବେଲପାହାଡ଼) ପ୍ରସ୍ତୁତି ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ 'ଉଲପି', ତୃତୀୟ ସନ୍ଧ୍ୟାରେ ନିୟୁ କ୍ୱେଷ୍ଟ ରିପୋଟ୍ରି (ରାଉରକେଲା) ପ୍ରସ୍ତୁତି ଡ. ବିଜୟ ଶତପଥୀଙ୍କ ରଚିତ ଏବଂ ନଳିନୀ ନୀହାର ନାୟକଙ୍କ ନିର୍ଦ୍ଦେଶିତ ନାଟକ 'କାରାଗାରର କାହାଣୀ', ଚତୁର୍ଥ ସନ୍ଧ୍ୟାରେ ପ୍ରଥମ ନାଟକ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ (ପୁରୀ) ପ୍ରସ୍ତୁତି ଡ. ହରି ନାରାୟଣ ଦୀକ୍ଷିତ୍‌ଙ୍କ ରଚିତ ଏବଂ ଡ. ସୁବ୍ରତ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶିତ ସଂସ୍କୃତ ନାଟକ 'ମେନକା ବିଶ୍ୱାମିତ୍ରମ୍' ଏବଂ ଦ୍ୱିତୀୟ ନାଟକ ମ୍ୟାଜିକ୍ ଥିଏଟର(ଭୁବନେଶ୍ୱର) ପ୍ରସ୍ତୁତି ପ୍ରଖ୍ୟାତ ହାସ୍ୟ ଅଭିନେତା ପ୍ରଜ୍ଞାନ ରଞ୍ଜନ ଖଟୁଆଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ 'ନିଶାପ' ଆଦି ପରିବେଷଣ କରାଯିବ। ଏହି 'ନିଶାପ' ନାଟକରେ ଫିଲ୍ମର ହାସ୍ୟ କଳାକାରମାନେ ଅଭିନୟ କରିବେ। ଏହି ଅବସରରେ ଓଡ଼ିଶାର ଲୋକପ୍ରିୟ ୫ଜଣ ରଙ୍ଗକର୍ମୀ ମିହିର କୁମାର ମେହେର, ସୁଧାଂଶୁ ମୋହନ ଦ୍ୱିବେଦୀ, ପ୍ରସନ୍ନ ମିଶ୍ର, ଦିଲୀଶ୍ୱର ମହାରଣା ଏବଂ ଲାଲା ବିରେନ୍ ପ୍ରସାଦ ରୟଙ୍କୁ ରଙ୍ଗଶାଳା ସମ୍ମାନରେ ସମ୍ମାନିତ କରାଯିବ। ମହୋତ୍ସବର ମୂଳ ଉଦ୍ଦେଶ୍ୟ ହେଉଛି, ଭାରତୀୟ ନାଟ୍ୟକଳାକୁ ସୁଦୃଢ଼ କରିବା, ଯୁବପିଢ଼ିଙ୍କୁ ନାଟକ ପ୍ରତି ଆକର୍ଷିତ କରିବା ଏବଂ ସାଂସ୍କୃତିକ ଆଦାନପ୍ରଦାନକୁ ଆଗେଇନେବା। ମହୋତ୍ସବର ଉଦ୍‌ଘାଟନୀ ଓ ସମାପନୀ ସମାରୋହରେ ବିଶିଷ୍ଟ ନାଟ୍ୟକାର, ସଂସ୍କୃତିପ୍ରେମୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ରହିବେ ବୋଲି ରଙ୍ଗଶାଳା ନିର୍ଦ୍ଦେଶକ ସାହୁ ସୂଚନା ଦେଇଛନ୍ତି।

## ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)

ବୁଲାକୁକୁର ଆକ୍ରମଣରୁ ଶିଶୁଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଅଧିକାରୀଙ୍କୁ ନେଇ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଜିଲା କାର୍ଯ୍ୟସୂଚୀ ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜିକା, ମିଶନ ଶକ୍ତି ଓ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ଅଙ୍ଗନୱାଡି ପରିବେଶରେ ଅଙ୍ଗନୱାଡି କର୍ମୀମାନେ ନୋଡାଲ୍ ଅଫିସର ଭାବେ ଶିଶୁଙ୍କୁ ବୁଲାକୁକୁର ଓ ଗାଈଙ୍କଠାରୁ କିପରି ସୁରକ୍ଷିତ ରଖିବେ, ବଳକା ଖାଦ୍ୟ ଏଠିସେଠି ନ ପକାଇ ଡଷ୍ଟବିନ୍‌ରେ ପକାଇବେ ଓ ଏ ସମ୍ବନ୍ଧରେ ଅନ୍ୟମାନଙ୍କୁ ସଚେତନ କରିବା ସହ ନିଜର ଅର୍ଥାତ୍ ଅଙ୍ଗନୱାଡି କର୍ମୀଙ୍କ ନାମ, ପଦବୀ ଓ ଫୋନ୍ ନମ୍ବର ଅଙ୍ଗନୱାଡି ବାହାର କାନ୍ଥରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲେଖିବେ ବୋଲି ଜଣାଇଥିଲେ। ସେହିପରି ଜିଲାର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶରତ କୁମାର ବେହେରା କୋର୍ଟଙ୍କ ଆଦେଶ ମୁତାବକ ବୁଲାକୁକୁରଙ୍କୁ ରାସ୍ତାଘାଟ ବା ଏଣେତେଣେ ଖାଇବାକୁ ଦେବା ଦଣ୍ଡନୀୟ ଅପରାଧ ବୋଲି କହିବା ସହ ଏଥିରୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲେ।

## ବିଦ୍ୟାଳୟକୁ ମନ୍ଦିର ଭାବି ସ୍ୱଚ୍ଛ ରଖିବାକୁ ପରାମର୍ଶ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭ମ ବାର୍ଷିକୋତ୍ସବ

ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)

ନବକଳେବର ରୋଡ୍‌ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭ମ ବାର୍ଷିକ ଉତ୍ସବ ଆଖଣ୍ଡଳମଣି ମନ୍ଦିର ପରିସରରେ ମଙ୍ଗଳବାର ସଭାପତି ସମରେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଷଡ଼ଙ୍ଗୀ କହିଛନ୍ତି, ବିଦ୍ୟାଳୟକୁ ମନ୍ଦିର ଭାବି ଛାତ୍ରୀଛାତ୍ର ପରିବେଶକୁ ସ୍ୱଚ୍ଛ ରଖିବା ଉଚିତ। ମା'ବାପାଙ୍କ ପରି ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା, ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରମୋଦ କର ଓ ଦୀପକ ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ବରିଷ୍ଠ ସେବାୟତ ଭଗବାନ୍ ସୁଆର, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଧୀରେନ୍ ରାୟ, ରାଜକିଶୋର ମହାପାତ୍ର ଓ ସମ୍ପାଦକ ରାଜକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟା ମମତା ମହାନ୍ତି ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସହକାରୀ ଆଚାର୍ଯ୍ୟା ସବିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଗଣେଶ ବନ୍ଦନା ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରୀଛାତ୍ର ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଆଧୁନିକ ନୃତ୍ୟ ଓ ଭଜନ ପରିବେଷଣ କରାଯାଇଥିଲା।

## ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ପୁରୀ,୨୪।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଲୋକନାଥ ରୋଡ୍‌ସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରର ୩ୟ ବାର୍ଷିକୋତ୍ସବ ସୋମବାର ସନ୍ଧ୍ୟାରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀଲୋକନାଥ ମନ୍ଦିର ସଭାପତି ରବିନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଶ୍ରୀଲୋକନାଥ ମନ୍ଦିର ବରିଷ୍ଠ ସଭ୍ୟ ରାମଚନ୍ଦ୍ର ପଣ୍ଡା, ସେବାୟତ ସଂଘ ଯୁଗ୍ମ ସମ୍ପାଦକ ଉମାଶଙ୍କର ମହାପାତ୍ର, ଟ୍ରଷ୍ଟ ମ୍ୟାନେଜର ଅପଛ କୁମାର ପରିଡ଼ା, ସେବାୟତ ସଂଘ ସଂପାଦକ ସନ୍ତୋଷ କୁମାର ପଣ୍ଡା, ସଭାପତି ହରେକୃଷ୍ଣ ଖଟେଇ ଏବଂ ପ୍ରଧାନ ଆଚାର୍ଯ୍ୟା ଲକ୍ଷ୍ମୀପ୍ରିୟା ରାଉତରାୟ, ସମ୍ପାଦକ ବିଜୟ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ସମ୍ପାଦକ ଅତିଥି ପରିଚୟ ପ୍ରଦାନ କରି ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପରେ ଅତିଥିମାନେ ନିଜ ନିଜର ଅଭିଭାଷଣ ପ୍ରଦାନ କରି ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ପରେ କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ପ୍ରଧାନ ଆଚାର୍ଯ୍ୟା ଓ ସମ୍ପାଦକଙ୍କ ଦ୍ୱାରା ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା, ନୃତ୍ୟଗୁରୁ ଏବଂ ନୃତ୍ୟଗୁରୁମା'ଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

# ଅସହାୟ ପରିବାରକୁ ସହଯୋଗର ହାତ ବଢ଼ାଇଲା

କୋଣାର୍କ,୨୪।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟସ୍ଥ ବଢ଼େଇଛକ ନିକଟବର୍ତ୍ତୀ କୁରୁଜଙ୍ଗ ପଞ୍ଚାୟତ କୁଞ୍ଜମଠ ଗ୍ରାମର ଦ୍ୱିଜବର ବେହେରାଙ୍କ ଦୁର୍ଘଟଣାରେ ଗୋଟିଏ ଗୋଡ଼ କଟା ହୋଇଛି। ସେ ଗୋଟିଏ ବଖରା ଭଙ୍ଗା ଚାଳ ଘରେ ରହୁଛନ୍ତି। ତାଙ୍କ ପୁଅ ଯିଏ ପକ୍ଷାଘାତ ରୋଗରେ ପୀଡ଼ିତ। ଘରେ ରୋଜଗାରକ୍ଷମ କେହିନାହାନ୍ତି। ଘରେ ୨ବେଳା ଖାଇବାକୁ ମଧ୍ୟ ମିଳୁନାହିଁ। ଏହି ଖବର ବିଷୟରେ ପୁରୀର ମାରୁତି ସେନା କୋଷାଧ୍ୟକ୍ଷ ଶ୍ରୀଧର ସାହୁଙ୍କୁ କିଛି ସ୍ଥାନୀୟ ବ୍ୟକ୍ତି ଅବଗତ କରାଇବା ପରେ ସେ ରାଜ୍ୟ ସଭାପତି ପପୁ ଦଳବେହେରାଙ୍କ ସହ ଆଲୋଚନା କରିଥିଲେ। ତା'ପରେ ସେହି ପରିବାରକୁ କିଛି ସହାୟତା ଯୋଗାଇଦେବାକୁ ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସଂଘର ଜିଲା ସଭାପତି ବଳରାମ ବାରିକ, ଜିତେନ୍ଦ୍ର ଦାସ, ସୋମନାଥ ପୃଷ୍ଟି, ଶଙ୍କର ସାହୁ, ଯୋଗେନ୍ଦ୍ର ନାୟକ, ରାଜେଶ ମହାପାତ୍ର, ପ୍ରତିମା ମିଶ୍ର, ସସ୍ମିତା ବେଜ୍, ଅନୁରାଧା ପଣ୍ଡା, ଜୟଶ୍ରୀ ପାଢ଼ୀ ପ୍ରମୁଖ ସଦସ୍ୟ ତାଙ୍କ ବାସଭବନରେ ପହଞ୍ଚି ମାସକ ପାଇଁ ରାଶନ, ପନିପରିବା, ନୂଆ ଡ୍ରେସ, ଲୁଙ୍ଗି, ଗାମୁଛା ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।



ମାରୁତି ସେନାର ସଭ୍ୟମାନେ ଅସହାୟଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରୁଛନ୍ତି ।

# ବେଗୁନିଆ ଡିଷ୍ଟ୍ରିବ୍ୟୁଟାରି କେନାଲ କାମରେ ଅନିୟମିତତା

ଗୋପ,୨୪।୨
(ଭାରତୀ ଭୂଷଣ ଉପାଧ୍ୟାୟ)

- ନିମ୍ନମାନର ସିମେଣ୍ଟ ଓ ରଡ୍ ବ୍ୟବହାର ନେଇ ଅସନ୍ତୋଷ
- କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କରାଯାଉଛି କାର୍ଯ୍ୟ
- ଭିଜିଲାନ୍ସ ତଦନ୍ତ ଦାବି କଲେ ଗ୍ରାମବାସୀ

କେନାଲ ତଳମୁଣ୍ଡକୁ ପାଣି ଯିବ। ଚାଷୀମାନେ ଧାନ ଚାଷ କରିବେ। ଏହାକୁ ଆଖି ଆଗରେ ରଖି ସରକାର କେନାଲ ନିର୍ମାଣ କରିଛନ୍ତି। ହେଲେ କେତେଜଣ ଠିକାଦାର ଓ ଯନ୍ତ୍ରୀଙ୍କ ମନମାନି ଯୋଗୁ ଗୋପ ଜଳସମ୍ପଦ ଉପଖଣ୍ଡ ବେଗୁନିଆ ଡିଷ୍ଟ୍ରିବୁଟାରି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏପରିକି ଏହି କେନାଲ କାମରେ ନିମ୍ନମାନର ସିମେଣ୍ଟ ସହିତ ନିମ୍ନମାନର ରଡ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଥିବା ବେଳେ ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି।

କିଛିବର୍ଷ ହେବ ବେଗୁନିଆ ଡିଷ୍ଟ୍ରିବୁଟାରି କେନାଲର ତଳମୁଣ୍ଡକୁ କେନାଲ ପାଣି ପହଞ୍ଚି ପାରୁ ନ ଥିଲା। ପରେ ଏହି କେନାଲ ପାଣି ତଳମୁଣ୍ଡକୁ ଯିବାଲାଗି ଗୋପ ଜଳସମ୍ପଦ ବିଭାଗର ପକ୍ଷରୁ ୮୩ ଲକ୍ଷ ଟଙ୍କାର ଏଷ୍ଟିମେଟ କରାଯାଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲା।



ନିର୍ମାଣାଧୀନ ବେଗୁନିଆ ଡିଷ୍ଟ୍ରିବୁଟାରି କେନାଲ ।

ରାୟଗଡ଼ା ଅଞ୍ଚଳର ଜନୈକ ମହିଳା ଠିକାଦାର ଏହି କାମ ପାଇବା ପରେ କାର୍ଯ୍ୟ ଆରମ୍ଭ କରାଯାଇଛି। କିନ୍ତୁ ଆରମ୍ଭରୁ ଏହି କାମ ନିମ୍ନମାନର ହେଉଥିବା ବେଳେ ଟ୍ରପୱାଲ କଂକ୍ରିଟ୍ କାର୍ଯ୍ୟରେ ନିମ୍ନମାନର ସିମେଣ୍ଟ, ରଡ୍ ଲଗାଯିବା ସହ ଆବଶ୍ୟକ ଅନୁସାରେ ମାଟି ପକାଯାଉ ନାହିଁ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏହି କେନାଲ କାମକୁ ମହିଳା ଠିକାଦାର ଜଣଙ୍କ ଲେସ୍‌ରେ ନେବା ପରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ଏହି କାମ ଦେଇଥିବାରୁ ସେ ନିମ୍ନମାନର କରୁଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଠିକାଦାର ଜଣଙ୍କ ନିମ୍ନମାନର କାମ କରୁଥିବା ବେଳେ ଦାୟିତ୍ୱରେ ଥିବା ଯନ୍ତ୍ରୀମାନେ ଯାଉ ନ ଥିବା ଅଭିଯୋଗ ରହିଛି। କେନାଲ ତଳଭାଗରେ କଂକ୍ରିଟ ଢଳେଇ କରା ଯାଉଥିବାବେଳେ ଏଷ୍ଟିମେଟ ଅନୁସାରେ କରାଯାଉ ନାହିଁ। ନିମ୍ନମାନର କାମ ହେବା ଯୋଗୁ ତଳମୁଣ୍ଡରେ କେନାଲ ପାଣି ପହଞ୍ଚିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ୫ ପଞ୍ଚାୟତରେ ଶହଶହ ଚାଷୀଙ୍କର ଜମିରେ ଚଳିତ ବର୍ଷ ଧାନ ଚାଷ ହୋଇପାରିବ ନାହିଁ ବୋଲି ଜଣାପଡ଼ିଛି। ଏହି ନିମ୍ନମାନର କାମ ଉପରେ ନିମାପଡ଼ା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ନିମ୍ନମାନର କାମକୁ ନେଇ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ସଞ୍ଜିବ ନାରାୟଣ ସାହୁ କହିଛନ୍ତି, ଏଷ୍ଟିମେଟ ଅନୁସାରେ କାର୍ଯ୍ୟ କରା ନ ଗଲେ ବିଲ୍ କରାଯିବନି। ଏହି କାର୍ଯ୍ୟ ମୁଁ ତଦାରଖ କରିବି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଡାକ୍ତର ଦେବାଶିଷ ମିଶ୍ର ପାଇବେ ଦ୍ୱଚାରତ୍ନ ସମ୍ମାନ

କଟକ,୨୪।୨(କାର୍ତ୍ତିକ ସାହୁ)

ବିଷ୍ଣୁପ୍ରିୟା ନିରଞ୍ଜନ ଫାଉଣ୍ଡେଶନ ପକ୍ଷରୁ ଯୁବ ଚର୍ମରୋଗ ବିଶେଷଜ୍ଞ ଡାକ୍ତର ଦେବାଶିଷ ମିଶ୍ରଙ୍କୁ ଚଳିତ ବର୍ଷର ଦ୍ୱଚାରତ୍ନ ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ୨୬ ତାରିଖ ସନ୍ଧ୍ୟାରେ ମହାନଦୀବିହାରସ୍ଥିତ ମହାନଦୀ ଭବନଠାରେ ଆୟୋଜିତ ଉତ୍ସବରେ ଡା. ମିଶ୍ରଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯିବ ବୋଲି ଫାଉଣ୍ଡେଶନର ସଭାପତି ପ୍ରଫେସର ଡାକ୍ତର ନିରଞ୍ଜନ ତ୍ରିପାଠୀ ଓ



ସମ୍ପାଦିକା ପ୍ରଫେସର ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ପୁରସ୍କାର ସ୍ୱରୂପ ୨୦ ହଜାର ଟଙ୍କା ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯିବ। ଡାକ୍ତର ଦାସ ଜଣେ ମେଧାବୀ ଛାତ୍ର ଓ ଚଳିତବର୍ଷ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ଚର୍ମରୋଗ ବିଭାଗର ସ୍ନାତକ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସୂଚନାଯୋଗ୍ୟ, ବିଶିଷ୍ଟ ଚର୍ମରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ବିଷ୍ଣୁପ୍ରିୟା ଦେବୀଙ୍କ ସ୍ମୃତିରେ ଚର୍ମରୋଗ ସ୍ନାତକ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରିଥିବା ଛାତ୍ର ବା ଛାତ୍ରୀଙ୍କୁ ପ୍ରତିବର୍ଷ ଏହି ଦ୍ୱଚାରତ୍ନ ସମ୍ମାନ ଦିଆଯିବ।

### ଥଣ୍ଡା ପାନୀୟଜଳ ପ୍ରକଳ୍ପ ଅଚଳ, କାର୍ଯ୍ୟକ୍ଷମ ଦାବି

ଚୌଦ୍ୱାର,୨୪।୨(ଆଶୁତୋଷ ଦାସ)

ଚୌଦ୍ୱାର ଥାନାର ବିଭିନ୍ନ କାର୍ଯ୍ୟ ଗତ କିଛିଦିନ ହେବ ରାତିଦିନ ଚାଲୁରହିଛି। ସାଧାରଣ ଲୋକଙ୍କୁ ଥଣ୍ଡା ପାନୀୟଜଳ ଯୋଗାଇବା ଲକ୍ଷ୍ୟରେ ସ୍ଥାନୀୟ ଇମ୍ପା କାରଖାନା ପକ୍ଷରୁ ଚୌଦ୍ୱାର ସହରାଞ୍ଚଳର ବିଭିନ୍ନ ଛକ ସ୍ଥାନରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ବେଳେ ଚୌଦ୍ୱାର ଥାନାକୁ ଆସୁଥିବା ଲୋକେ ପାନୀୟ ଜଳ ଅସୁବିଧା ନ ଭୋଗିବା ପାଇଁ ଏକ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ହେଲେ ଆଜକୁ କିଛିବର୍ଷ ହେବ ଉକ୍ତ ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡିରହିଛି। ଫଳରେ ବିଭିନ୍ନ କାମ ପାଇଁ ଥାନାକୁ ଆସୁଥିବା ଲୋକେ ପାଣି ଟୋପେ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ତେବେ ପ୍ରକଳ୍ପ ସ୍ଥାପନା ହେବା ପରଠାରୁ ଅନେକ ଅଧିକାରୀ ତାହା କାର୍ଯ୍ୟକ୍ଷମ କରିବା ପାଇଁ ଦୃଷ୍ଟି ଦେଉ ନ ଥିବା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଗକୁ ଗ୍ରୀଷ୍ମ ଋତୁ ଓ ଖରାର ପ୍ରକୋପ ବୃଦ୍ଧି ପାଇବାକୁ ଥିବା ବେଳେ ତୁରନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ଦାବି ହେଉଛି। ତୁରନ୍ତ ଉକ୍ତ ପ୍ରକଳ୍ପର ରୂପରେଖ ବଦଳି କରି ଥାନାକୁ ଆସୁଥିବା ଲୋକମାନେ ପାନୀୟଜଳ ପାଇପାରିବେ ସେଥିପାଇଁ ବ୍ୟବସ୍ଥା ଗ୍ରହଣ କରୁଛି ବୋଲି ଆଇଆଇସି ରଜନୀକାନ୍ତ ଦାସ କହିଛନ୍ତି।



ଅଚଳ ଥଣ୍ଡା ପାନୀୟଜଳ ପ୍ରକଳ୍ପ।

# ସହାୟତା କେନ୍ଦ୍ରରେ କର୍ମଚାରୀ ନ ଥିବାରୁ ଉତ୍ତେଜନା

କଟକ,୨୪।୨(ଶିକ୍ଷା ପ୍ରିୟଦର୍ଶିନୀ)

**ଏସ୍‌ସିବି ଟ୍ରମା କାଜୁଆଲ୍‌ଟିରେ ଅବ୍ୟବସ୍ଥା**



- ଟିକେଟ ପାଇଁ ଧାଡ଼ି ଲଗାଉଛନ୍ତି ଗୁରୁତର ଆହତଙ୍କ ସମ୍ପର୍କୀୟ
- ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି) ଟ୍ରମା କାଜୁଆଲ୍‌ଟିରେ ଗୁରୁତର ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା ସେବା ମିଳିପାରୁନାହିଁ। ଗୁରୁତର ରୋଗୀ ଟ୍ରମା କାଜୁଆଲ୍‌ଟିକୁ ଆସୁଥିବାବେଳେ ସେଠାରେ ଥିବା ସହାୟତା କେନ୍ଦ୍ରରେ ଟିକେଟ ପାଇଁ ସମ୍ପର୍କୀୟ ଘଣ୍ଟା ଘଣ୍ଟା ଧାଡ଼ି ଲଗାଉଛନ୍ତି। ସହାୟତା କେନ୍ଦ୍ରରେ କର୍ମଚାରୀ ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟ ହଟହଟା ହେଉଛନ୍ତି। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ରୋଗୀଙ୍କୁ ଚିକିତ୍ସା ଠିକ୍ ସମୟରେ ନ ମିଳିବା ଓ ଏଭଳି ଅବ୍ୟବସ୍ଥାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଅନ୍ୟପଟେ ଏସ୍‌ସିବି ଅତିରିକ୍ତ ଅଧୀକ୍ଷକ କାର୍ଯ୍ୟ ତଦାରଖ କରିବା ନିମନ୍ତେ ବିଳମ୍ବିତ ରାତି ଓ ଦିନ ସମୟରେ ବିଭିନ୍ନ ବିଭାଗ ସମେତ ଉଭୟ କାଜୁଆଲଟି ପରିଦର୍ଶନ କରୁଥିବାବେଳେ ଏଭଳି ଅବ୍ୟବସ୍ଥା କିପରି ଭାବେ କର୍ତ୍ତୃପକ୍ଷଙ୍କ ନଜରକୁ ଆସିନାହିଁ ସେନେଇ ପ୍ରଶ୍ନ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲ ଟ୍ରମା କାଜୁଆଲ୍‌ଟିକୁ ଦୁର୍ଘଟଣାଜନିତ ଶହ ଶହ ଗୁରୁତର ଆହତ ଆସିଥାନ୍ତି। ଗୁରୁତର ଆହତଙ୍କ ଚିକିତ୍ସା ଦ୍ରୁତ କରାଯିବା ଦିଗରେ ଟ୍ରମା କାଜୁଆଲ୍‌ଟିର ତଳ ମହଲାରେ ୨୪ ଘଣ୍ଟିଆ ସହାୟତା କେନ୍ଦ୍ର ଖୋଲାଯାଇଛି। ଏଠାରେ ଟିକେଟ କରାଇବା ପରେ ଗୁରୁତର ରୋଗୀ ଡାକ୍ତରଙ୍କୁ ଦେଖାଇବା ନିୟମ ରହିଛି। ସହାୟତା କେନ୍ଦ୍ରରେ ପର୍ଯ୍ୟାୟକ୍ରମେ ଜଣେ ଲେଖାଏ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ହେଲେ କର୍ମଚାରୀ ସଂଖ୍ୟା ଅଭାବ ଥିବାରୁ ଖଣ୍ଡିଏ ଟିକେଟ ପାଇଁ ଆହତଙ୍କ ସମ୍ପର୍କୀୟମାନେ ଦୀର୍ଘ ସମୟ ଧାଡ଼ି ଲଗାଇ ଛିଡା ହେଉଛନ୍ତି। ତେବେ କାଜୁଆଲ୍‌ଟିରେ ଏଭଳି ଅବ୍ୟବସ୍ଥା ଗ୍ରହଣୀୟ ନୁହେଁ, ମେଡିକାଲ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦିଅନ୍ତୁ ଏବଂ କର୍ମଚାରୀଙ୍କୁ ତାଗିଦ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ରୋଗୀଙ୍କ ସମ୍ପର୍କୀୟମାନେ କହିଛନ୍ତି। ଅନ୍ୟପଟେ ଏସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# କର୍ତ୍ତୃପକ୍ଷଙ୍କ ତାଗିଦ ସତ୍ତ୍ୱେ ଧାରଣା ବଳବତ୍ତର



ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି କରି କଲେଜରେ ସାଇନ୍ସ ବ୍ଲକ ସମ୍ମୁଖରେ ଧାରଣାରତ ଛାତ୍ରୀମାନେ।

କଟକ,୨୪।୨(କୁମାରଶ୍ରୀ)

**ତୁଟୁନି ଶୈଳବାଳା ବିବାଦ**

- ଆଗ ଭିତ୍ତିଭୂମି ବୃଦ୍ଧି, ପରେ ବିଶ୍ୱବିଦ୍ୟାଳୟ ମାନ୍ୟତା
- ଜିଲାପାଳଙ୍କ ସହ ଆଲୋଚନା କଲେ ଛାତ୍ରୀ

ତୁଟୁନି ଶୈଳବାଳା ବିବାଦ। ମଙ୍ଗଳବାର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସହିତ ଆଲୋଚନା କରିବା ପରେ ମହାବିଦ୍ୟାଳୟର ଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରି ପୁନର୍ବାର ଧାରଣାରେ ବସିଛନ୍ତି। ଅନ୍ୟପଟେ ଧାରଣାରେ ସାମିଲ ନ ହେବାକୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ତାଗିଦ୍ କରୁଥିବାରୁ କେତେଜଣ ଛାତ୍ରୀ ଧାରଣାରୁ ହଟି ଯାଇଥିବା ଜଣାପଡ଼ିଛି। ମଙ୍ଗଳବାର ରାତିରେ ୧୦ରୁ ୧୨ଜଣ ଛାତ୍ରୀ ଧାରଣାରେ ବସିଛନ୍ତି।

ସୋମବାର ପ୍ରଶାସନିକସ୍ତରରେ ଆଲୋଚନା ବିଫଳହେବା ପରେ ମଙ୍ଗଳବାର ମହାବିଦ୍ୟାଳୟର ଛାତ୍ରୀ, ପ୍ରାକ୍ତନ ଛାତ୍ରୀ ଏବଂ କେତେଜଣ ବୁଦ୍ଧିଜୀବୀ ଜିଲାପାଳଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଆଲୋଚନା ପରେ ଜିଲାପାଳ କହିଛନ୍ତି, ବିଶ୍ୱବିଦ୍ୟାଳୟ ମାନ୍ୟତା ବାବଦରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଛି। କିନ୍ତୁ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ କରିବାକୁ ହେବ। ପ୍ରଥମେ ଉକ୍ତ ଜମି ମହାବିଦ୍ୟାଳୟ ନାମରେ କରାଯିବ। ଏ ଦିଗରେ ବିଶେଷ ଦୃଷ୍ଟି ଦିଆଯାଉଛି। ଚଣ୍ଡୀ ମନ୍ଦିର ସମ୍ପ୍ରସାରଣ ପ୍ରକଳ୍ପରେ ମହାବିଦ୍ୟାଳୟର କେତେକ ଜମି ବ୍ୟବହାର କରାଯାଇଛି। ବଦଳରେ ମହାବିଦ୍ୟାଳୟକୁ କିଛି ଜମି ପ୍ରଦାନ କରାଯିବ। ଏକ କମିଟି ଗଠନ କରିବା ନିମନ୍ତେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି। ଉକ୍ତ କମିଟି ଜମି ଚିହ୍ନଟ ପ୍ରକ୍ରିୟାରେ ସହଯୋଗ କରିବେ। ୟୁଜିସି ଗାଇଡ୍‌ଲାଇନ ଅନୁସାରେ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଗରେ ବିଚାର କରାଯିବ ବୋଲି ଜିଲାପାଳ କହିଛନ୍ତି। ତେବେ ଜିଲାପାଳଙ୍କ ଏହି ମନ୍ତବ୍ୟ ଉପରେ ଛାତ୍ରୀମାନେ ଖୁସିନାହାନ୍ତି। ପ୍ରାକ୍ତନ ଛାତ୍ରୀ ସୁଚିତ୍ରା ସେଠି କହିଛନ୍ତି, ପ୍ରଶାସନ କେବଳ ଆମକୁ ଭୁଆଁ ବୁଲାଉଛି। ଉଚ୍ଚଶିକ୍ଷା ବିଭାଗ ସହ ବୈଠକ ଆୟୋଜନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ବୈଠକରେ ଭାଜପା ନେତା ଶ୍ରୀତମ ଦାସଙ୍କୁ ଡକାଯାଇଥିଲା। ଶ୍ରୀତମ ମହାବିଦ୍ୟାଳୟର ବିକାଶ ନୁହେଁ, ବରଂ ରାଜନେତା ଭାବେ ନିଜ ମତ ରଖିଥିଲେ। ଛାତ୍ରୀମାନଙ୍କ ଅଭିଭାବକଙ୍କୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଧମକ ଦେଉଛନ୍ତି। କେତେଜଣ ଛାତ୍ରୀ ଧାରଣାରୁ ହଟିଗଲେଣି। ତଥାପି ଧାରଣା ଜାରି ରହିବ ବୋଲି ସୁଚିତ୍ରା କହିଛନ୍ତି।

### ‘ବିଶ୍ୱବିଦ୍ୟାଳୟ ଜୀବନରେ ମାନସିକ ଚାପ’ ଆଲୋଚନାଚକ୍ର

କଟକ,୨୪।୨(କୁମାରଶ୍ରୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ‘ବିଶ୍ୱବିଦ୍ୟାଳୟ ଜୀବନରେ ମାନସିକ ଚାପ’ ସମ୍ବନ୍ଧିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାନଦୀ କ୍ୟାମ୍ପସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଡ. ଧର୍ମବ୍ରତ ମହାପାତ୍ରଙ୍କ ପୌରୋହିତ୍ୟରେ ଆଇଟିଏମ୍ ଓ ବିସିଏ ବିଭାଗ ମୁଖ୍ୟ ଡ. ରତିକାନ୍ତ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ୟୁଥ୍ ରେଡ୍‌କ୍ରସ୍‌ର ସଂଯୋଜକ ଡ. ମନୋରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ୟୁଥ୍ ରେଡ୍‌କ୍ରସ୍ ଦ୍ୱାରା ଆୟୋଜିତ ଆଲୋଚନାଚକ୍ରରେ ଏସ୍‌ସିବି ଭେଷଜ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସରୋଜ କୁମାର ତ୍ରିପାଠୀ, ଆସୋସିଏଟ୍ ପ୍ରଫେସର ଡା. ନିର୍ମଳ ଚନ୍ଦ୍ର ସାହୁ ଓ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ମିହିର ରଞ୍ଜନ ନାୟକ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ଜୀବନରେ ଛାତ୍ରୀଛାତ୍ର ସମ୍ମୁଖୀନ ହେଉଥିବା ନିତିଦିନିଆ ଚାପ ଓ ତାହାକୁ ସଫଳ ଭାବେ ମୁକାବିଲା କରିବାର ବିଭିନ୍ନ ପ୍ରଣାଳୀ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଉପାସନା ମହାପାତ୍ର ଏବଂ ଦେବଶ୍ରିତା ଦାସ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ମାନସ ପ୍ରସାଦ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଶୈଳଜା ଶଙ୍କର କାନୁନ୍‌ଗୋ, ଦେବାଶିଷ କାନୁନ୍‌ଗୋ, ମଧୁମାଳା ପାଠୀ, ସନ୍ତୋଷ କୁମାର ପାଲ୍, ମନୀଷ ଚନ୍ଦ୍ର ରାୟ, ବିନାୟକ ସ୍ୱାଇଁ, ମଳୟ ରଞ୍ଜନ ଦାସ, ବୈଶାଳିନୀ ଭଞ୍ଜ, ଅର୍ଚିସ୍ମାନ ନାୟକ, ଶକ୍ତି ଦାସ, ଶିକ୍ଷା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚିନ୍ମୟ ମିଶନର ହନୁମତ୍ ମହୋତ୍ସବ ଉଦ୍‌ଘାଟିତ



ହନୁମତ୍ ମହୋତ୍ସବ ଉଦ୍‌ଘାଟନୀରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ବୋଧନ ଦେଉଛନ୍ତି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାଧୁସନ୍ଥ ଓ ଅନ୍ୟମାନେ।

କଟକ,୨୪।୨(କାର୍ତ୍ତିକ ସାହୁ)

ଚିନ୍ମୟ ମିଶନ୍‌ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ହନୁମତ୍ ମହୋତ୍ସବ କଟକ ଉପର ବାଲିଯାତ୍ରା ପଡ଼ିଆରେ ମଙ୍ଗଳବାର ଆରମ୍ଭ ହୋଇଛି। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦିବ୍ୟ ଜୀବନ ସଂଘ ଋଷିକେଶ ପୂଜ୍ୟ ସ୍ୱାମୀ ଅଦ୍ୱୈତ ନନ୍ଦ ମହାରାଜା ଯୋଗଦେଇଥିଲେ। ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ସ୍ୱରୂପା ନନ୍ଦ ମହାରାଜା ପ୍ରବଚକ ଭାବେ ଶ୍ରଦ୍ଧାଳୁମାନଙ୍କୁ ଆତ୍ମ ସନ୍ତୋଷ କରାଇଥିଲେ। ସ୍ୱାମୀ ସ୍ୱରୂପା ନନ୍ଦ ମହାରାଜା ସଙ୍କଟମୋଚନ ହନୁମାନଙ୍କ ଉପରେ ହିନ୍ଦୀ ଭାଷାରେ ପ୍ରତିଦିନ ସନ୍ଧ୍ୟା ୬ଟା ୩୦ରୁ ୮ଟା ୩୦ମି ପର୍ଯ୍ୟନ୍ତ ପ୍ରବଚନ ଦେବେ। ସେହିପରି ଚିନ୍ମୟ ମିଶନର ଆଞ୍ଚଳିକ ମୁଖ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଫେବୃଆରୀ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୀତା ପଞ୍ଚାମୃତ ଉପରେ ଓଡ଼ିଆ ଭାଷାରେ ପ୍ରବଚନ ଦେବେ। ଉଦଘାଟନୀ ସନ୍ଧ୍ୟାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### କୋରିଆନ ମାର୍ଶଲ ଆର୍ଟ ସ୍କୁଲର ନୂତନ ଶାଖାର ଭୂମି ପୂଜନ




କୋରିଆନ ମାର୍ଶଲ ଆର୍ଟ ସ୍କୁଲର ନୂତନ ଶାଖାର ଭୂମି ପୂଜନ ଉତ୍ସବରେ ଉପସ୍ଥିତ ଅତିଥି।

କଟକ,୨୪।୨(କାର୍ତ୍ତିକ ସାହୁ)

ସିଡିଏ ସେକ୍ଟର ୬ସ୍ଥିତ ବ୍ଲକ ୭ଠାରେ କୋରିଆନ ମାର୍ଶଲ ଆର୍ଟ ସ୍କୁଲ ନୂତନ ଶାଖାର ଭୂମି ପୂଜନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂହ, ସମ୍ମାନିତ ଅତିଥି ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ସଭାପତି କୃଷ୍ଣଚନ୍ଦ୍ର ଦାସ, ଜିଲା ଟାଏକୋଣ୍ଡୋ ସ୍ପୋର୍ଟ୍ସ ଆସୋସିଏଶନ ସମ୍ପାଦକ ସୁଦୀପ୍ତା ନନ୍ଦ, ଉପସଭାପତି ଚନ୍ଦନ କୁମାର ସାହୁ ଓ ସିଡିଏ ସେକ୍ଟର ୬ ୱାର୍ଡ କର୍ପୋରେଟର ରୀତାଞ୍ଜଳି ବେହେରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମା’ ତାରିଣୀ ମନ୍ଦିର ଉନ୍ନୟନ ପରିଷଦ ସଭାପତି ବିଭୁ ପ୍ରସାଦ ପୃଷ୍ଟି, କୋଷାଧ୍ୟକ୍ଷ ଜ୍ୟୋତି ରଞ୍ଜନ ସାହୁ, ଅର୍ଦ୍ଧେନ୍ଦୁ ଶେଖର ମାଝୀ ଉପସ୍ଥିତ ଥିଲେ। ଏହି ଅବସରରେ ଅଗଷ୍ଟ ମାସରେ ଭଦ୍ରକ ଜିଲାରେ ହୋଇଥିବା ଖେଲୋ ଇଣ୍ଡିଆ ଅସ୍ମିତା ଲିଗ୍ ବିଜେତା ପିଲାମାନଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ସ୍କୁଲ ସମ୍ପାଦକ ପ୍ରଦୀପ କୁମାର କାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନ୍ଦନାକଳା ନିକେତନର ବାର୍ଷିକ ଉତ୍ସବ

ମଙ୍ଗୁଳି-ଜଗତପୁର,୨୪।୨(ମାନସ ସାମଲ)

ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ବନ୍ଦନା କଳାନିକେତନର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରୋହିତ୍ୟ ଏବଂ ସମ୍ପାଦକ ଗଙ୍ଗାଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ମୁଖ୍ୟବକ୍ତା ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ତ୍ରିଦେବ ବେହେରା, ସ୍ୱତନ୍ତ୍ର ଅତିଥି ଜିଲା ଭାଜପା ଗ୍ରାମୀଣ ଉପସଭାପତି ହିମାଂଶୁ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ସଦସ୍ୟ ସୁବୋଧ କୁମାର ସାମଲ, ସଫା ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ଆଡଭୋକେଟ ହେମନ୍ତ କୁମାର ଜେନା, ଦେବୀପ୍ରସାଦ ରାଉତରାୟ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିକାଶରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ବନ୍ଦନା କଳା ନିକେତନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବାର୍ଷିକ କ୍ରୀଡାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକ ବାବାଜୀ ସାମଲ ଓ ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସଦସ୍ୟ ଦେବୀ ପ୍ରସାଦ ରାଉତରାୟ, ସୁବାସ ଚନ୍ଦ୍ର ବେହେରା, ପ୍ରମୋଦ ଜଟ, ରକ୍ଷ୍ୟାନନ୍ଦ ସାଇଁ, ମଧୁସୂଦନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।




ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

# କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

କଟକ,୨୪।୨(ଶିକ୍ଷା ପ୍ରିୟଦର୍ଶିନୀ)




କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

**ମେୟରଙ୍କ ଗିରଫ ଦାବିକଲା କଟକ ନଗର (ଜିଲା) କଂଗ୍ରେସ କମିଟି**

କଟକ ମହାନଗର ନିଗମରେ ଚାଲିଥିବା ଦୁର୍ନୀତି ଓ ଟିକସଦାତାଙ୍କ ଅର୍ଥ ଲୁଟ୍ ପ୍ରତିବାଦରେ ମଙ୍ଗଳବାର କଟକ ନଗର (ଜିଲା) କଂଗ୍ରେସ ପକ୍ଷରୁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଭିଜିଲାନ୍ସ ଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ସହରୀ ବିକାଶ ଯୋଜନା ନାମରେ ଭଲ ରାସ୍ତା ଓ କଲଭର୍ଟଗୁଡ଼ିକୁ ଭାଙ୍ଗି ମେୟର ନିଜର ଅନୁଗତମାନଙ୍କ ଜରିଆରେ କୋଟି କୋଟି ଟଙ୍କାର ପିସି କାରବାର କରୁଛନ୍ତି। କୌଣସି ଟେଣ୍ଡର ନ କରି ହୋର୍ଡିଂ ଓ କ୍ୱିସ୍କୋ ବଣ୍ଟନରେ ଅନିୟମିତତା କରି ନିଗମର ରାଜସ୍ୱ କ୍ଷତି କରାଯାଉଛି। ଏପରିକି ମଶା ତେଲ କିଣାରେ ମଧ୍ୟ ବଡ଼ଧରଣର ଦୁର୍ନୀତି କରାଯାଉଛି। ସେହିପରି ସତୀଚଉରା ଡମ୍ପିଂୟାର୍ଡରୁ ଅଳିଆ ପରିବହନ ପାଇଁ ଏକ ବ୍ଲାକଲିଷ୍ଟେଡ୍ ଏଜେନ୍ସିକୁ କାମ ଦେବା ଏବଂ ମ୍ୟୁନିସିପାଲ ଆକ୍ଟର ସେକ୍ସନ-୩୪ର ଅପବ୍ୟବହାର କରି ବିନା କାଉନସିଲ ଅନୁମୋଦନରେ କୋଟି କୋଟି ଟଙ୍କାର ଅର୍ଥ ହଡ଼ପ କରାଯିବା ସହ ବାଲିଯାତ୍ରା-୨୦୨୨ରେ ହୋଇଥିବା ଲୁଟ୍‌ରେ ମଧ୍ୟ ମେୟରଙ୍କ ଭୂମିକା ରହିଛି। ଏହାସହ କଟକ ମହାନଗର ନିଗମ ସିଟି ଇଞ୍ଜିନିୟର ପାର୍କରେ ଜିମ୍ ଉପକରଣ ଲଗାଇବା ନାଁରେ ସାଢ଼େ ୩ କୋଟି ଟଙ୍କାର ଲୁଟ୍ ହୋଇଛି। ଉକ୍ତ ଘଟଣାର ତଦନ୍ତ କରାଯିବା ସହ ତୁରନ୍ତ ତାଙ୍କୁ ଗିରଫ କରାଯାଉ, ନଚେତ୍ ଆଗାମୀ ଦିନରେ କଟକ ସହରରେ କଂଗ୍ରେସ ଏକ ବଡ଼ଧରଣର ଜନଆନ୍ଦୋଳନ କରିବ ବୋଲି ଉଲ୍ଲେଖ କରାଯାଇଛି। ଉକ୍ତ ଦାବିପତ୍ର ଗ୍ରହଣ କରିବା ସହ ଉକ୍ତ ଘଟଣାର ତଦନ୍ତ କରାଯିବ ବୋଲି ଭିଜିଲାନ୍ସ ଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳ ପ୍ରତିଶ୍ରୁତି ଦେଇଛନ୍ତି। କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରାଙ୍କ ନେତୃତ୍ୱରେ କର୍ପୋରେଟର ଲିଜାରାଣୀ ରାଉତ, ଭାନୁ ସେନାପତି, ସୁରଜିତ ସାହୁ, ସନ୍ତୋଷ କୁମାର ପାତ୍ର, ସଞ୍ଜୟ ସେନାପତି, ଅନିତା ବେହେରା, ଦିଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପାଚେରି ଭୁଶୁଡ଼ି ୨ ଶ୍ରମିକ ମୃତ, ୩ ଆହତ

■ବିଏମ୍‌ସିର ଡ୍ରେନ କାମ ଚାଲିଥିବା ବେଳେ ଅଘଟଣ

■ବିନା ସେଫ୍ଟିରେ କାମ କରୁଥିଲେ ଶ୍ରମିକ

■ଅଭିଯୋଗ ହେଲେ ଠିକାଦାରଙ୍କ ନାମରେ ମାମଲା ହେବ: ପୋଲିସ

ଭୁବନେଶ୍ୱର,୨୪।୨(ତ୍ରିନାଥ ମହାନ୍ତି)



ବଡ଼ଗଡ଼ ଥାନା ଅଧୀନ ୪୪ ନମ୍ବର ୱାର୍ଡ ଭୋଇସାହିରେ ଡ୍ରେନ କାମ ଚାଲିଥିବାବେଳେ ପାଚେରି ଭୁଶୁଡ଼ି ୨ ଶ୍ରମିକଙ୍କ ଜୀବନ ଯାଇଥିବାବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ କାମ ଚାଲିଥିବାବେଳେ ପାଚେରି ଭୁଶୁଡ଼ି ପଡ଼ିଥିଲା। ପାଚେରି କାନ୍ଥ ତଳେ ଚାପି ହୋଇ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣଙ୍କ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ସନ୍ନ୍ୟାସୀ ମହାରଣା ଏବଂ ଦୁର୍ଯ୍ୟୋଧନ ଗୌଡ଼। ଉଭୟଙ୍କ ଘର ଗଞ୍ଜାମରେ ହୋଇଥିବାବେଳେ ସେମାନେ ତାରିଣୀ ବସ୍ତିରେ ରହୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନାନୁସାରେ, ଗତ ୧୦ ଦିନ ହେବ ଭୁବନେଶ୍ୱର ୪୪ ନମ୍ବର ୱାର୍ଡ ଭୋଇସାହିରେ ବିଏମ୍‌ସି ପକ୍ଷରୁ ଡ୍ରେନ ନିର୍ମାଣ ପାଇଁ କାମ ଜାରି ରହିଛି। ଏହି କାମରେ ତାରିଣୀ ବସ୍ତିର ସନ୍ନ୍ୟାସୀ, ଦୁର୍ଯ୍ୟୋଧନଙ୍କ ସମେତ ଅନ୍ୟ ୩ଜଣ ଶ୍ରମିକ କାମ କରୁଥିଲେ। ଡ୍ରେନ୍ ଖୋଳାଯାଉଥିବା ପାର୍ଶ୍ୱରେ ଜଣଙ୍କ ପ୍ରାଇଭେଟ୍ ଜାଗାରେ ପାଚେରି ରହିଛି। ତେବେ ବିଏମ୍‌ସିର ଏହି କାମକୁ ନେଇଥିବା ଠିକାଦାର ଆବଶ୍ୟକ ସୁରକ୍ଷା ସରଞ୍ଜାମ ବିନା ଶ୍ରମିକଙ୍କୁ କାମରେ ଲଗାଇଥିଲେ। ପ୍ରାଇଭେଟ୍ ଜାଗାରେ ହୋଇଥିବା ପାଚେରିକୁ କେବଳ ବାଉଁଶ ଡେରା ଦିଆଯାଇ ପାର୍ଶ୍ୱରେ ମାଟି ଖୋଳା ଯାଉଥିଲା। ଅପରାହ୍ନ ୩ଟାରେ ଶ୍ରମିକମାନେ ମାଡ଼ି ଖୋଳୁଥିବାବେଳେ ପାଚେରି କଡ଼ରୁ ମାଟି ଅତଡ଼ା ଖସିବାରୁ ପାଚେରି ଭୁଶୁଡ଼ି ପଡ଼ିଥିଲା। ସନ୍ନ୍ୟାସୀଙ୍କ ମୁଣ୍ଡ ଉପରେ ପାଚେରି କାନ୍ଥ ପଡ଼ିଯିବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ୪ଜଣ ମହିଳାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ଜବତ ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଯାଇଥିଲା। ବିନା ସେଫ୍ଟିରେ କିଭଳି ଭାବେ ଡ୍ରେନ୍ କାମ କରାଯାଉଥିଲା ତାହାକୁ ନେଇ ସ୍ଥାନୀୟ ଲୋକେ ତାତିଥିଲେ। ବିଏମ୍‌ସି ଠିକା କାମ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ଟେଣ୍ଡର ବାତିଲ କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ। ଖବରପାଇ ବଡ଼ଗଡ଼ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଏନେଇ ବଡ଼ଗଡ଼ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକ କହିଛନ୍ତି ଯେ, ଏହି ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ ଦୁଇଟି ଅପମୃତ୍ୟୁ ମାମଲା କରି ତଦନ୍ତ କରୁଛି। ବିଏମ୍‌ସିର କାମ କରୁଥିବା ଠିକାଦାରଙ୍କ ବିରୋଧରେ କୌଣସି ଅଭିଯୋଗ ହୋଇନାହିଁ। ଥାନାରେ ଅଭିଯୋଗ ହେଲେ ତାଙ୍କ ନାମରେ ମାମଲା କରାଯାଇ ତଦନ୍ତ କରାଯିବ। କେଉଁ ପରିସ୍ଥିତିରେ ବିନା ସେଫ୍ଟିରେ ଶ୍ରମିକମାନଙ୍କ ଦ୍ୱାରା କାମ କରାଯାଉଥିଲା, ସେନେଇ ତଦନ୍ତ କରାଯିବ ବୋଲି ନାୟକ କହିଛନ୍ତି। ଅନ୍ୟପଟରେ ଗତ ୩ବର୍ଷରେ ୨୮ ଜଣ ଶ୍ରମିକଙ୍କ କାନ୍ଥ ଭୁଶୁଡ଼ି ଏବଂ ସ୍ୱେରେଜ ଟାଙ୍କି ସଫା କରୁଥିବା ବେଳେ ମୃତ୍ୟୁ ଘଟିଲାଣି। ହେଲେ ସବୁ ମାମଲାରେ କୌଣସି ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଏବେବି ଠିକାଦାରମାନେ ଶ୍ରମିକମାନଙ୍କ ଜୀବନକୁ ପୋକମାଛି ଭଳି ଦେଖୁଛନ୍ତି ବୋଲି ଅଭିଯୋଗ ହେଉଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଜିତ୍



@ ବାବୁ



@ ମନୋଜ



@ ମୃତ୍ୟୁଞ୍ଜୟ



@ ସଚିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟେରାକୋଟା କୃତି ପ୍ରସ୍ତୁତିରେ ଓଡ଼ିଶାର ବିଶ୍ୱ ରେକର୍ଡ



କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ଅନ୍ୟ ଅତିଥିଙ୍କ ସହ ଶିଳ୍ପୀବୃନ୍ଦ।

ଭୁବନେଶ୍ୱର,୨୪।୨(ସୌମ୍ୟରଞ୍ଜନ ରାଉତ)

ଟେରାକୋଟା କୃତି ପ୍ରସ୍ତୁତିରେ ବିଶ୍ୱ ରେକର୍ଡ କରିଛି ଓଡ଼ିଶା। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ମଙ୍ଗଳବାର କଳାଭୂମିଠାରେ ଆୟୋଜିତ ଭବ୍ୟ ଟେରାକୋଟା କୃତି ପ୍ରସ୍ତୁତି ପ୍ରତିଯୋଗିତାରେ ୨ଟି ନୂଆ କୀର୍ତ୍ତିମାନ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍‌ରେ ଲିପିବଦ୍ଧ ହୋଇଛି। ଏକକାଳୀନ ୧ ହଜାର ମୃତ୍ତିକା ଶିଳ୍ପୀ ଏହି ପ୍ରତିଯୋଗିତାରେ ଭାଗନେଇ ସର୍ବାଧିକ ପ୍ରତିଯୋଗୀ ବର୍ଗରେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ସେହିପରି ପୂର୍ବ ରେକର୍ଡ ଭାଙ୍ଗି ୭ଜଣ ମୃତ୍ତିକା କାରିଗର ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ବରଗଡ଼ର ଟେରାକୋଟା ହସ୍ତଶିଳ୍ପୀ ସେବକ ରଣା ୧ଘଣ୍ଟା ମଧ୍ୟରେ ୩୧୦ଟି ଗ୍ଲାସ୍ ପ୍ରସ୍ତୁତ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ନୟାଗଡ଼ର ମାଧବ ମୁଦୁଲି, ବଲାଙ୍ଗୀରର ଥାନ ସୁନ୍ଦର ରଣା, ବାଲେଶ୍ୱରର ରମେଶ ଚନ୍ଦ୍ର ମୁଦୁଲି, ଅନୁଗୋଳର ବିଜୟ ବେହେରା, ବଲାଙ୍ଗୀରର ବସନ୍ତ ରଣା, କେନ୍ଦ୍ରାପଡ଼ାର ମକର କେତନ ସାହୁ ଯଥାକ୍ରମେ ୨୪୮, ୨୩୨, ୨୩୦, ୨୨୭, ୨୧୯ ଓ ୨୧୮ଟି ମାଟିପାତ୍ର ପ୍ରସ୍ତୁତ କରି ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଥିଲେ, ଟେରାକୋଟା ଓ କୁମ୍ଭାର ଶିଳ୍ପ ଆମ ସମୃଦ୍ଧ ହସ୍ତଶିଳ୍ପର ପରିଚୟ। ଟେରାକୋଟା ଶିଳ୍ପୀମାନେ ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ। ସେମାନଙ୍କ ପାଇଁ ଆଜି ଆମେ ଗର୍ବିତ ବୋଲି ସେ ପ୍ରକାଶ କରିଥିଲେ। ପରେ ରେକର୍ଡ ସୃଷ୍ଟି କରିଥିବା ଟେରାକୋଟା ହସ୍ତଶିଳ୍ପୀମାନଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତଶିଳ୍ପ ନିର୍ଦ୍ଦେଶିକା ଡ. ନିବେଦିତା ପୃଷ୍ଟି, ପଦ୍ମଶ୍ରୀ ବିନୋଦ ମହାରଣା, ଜାତୀୟ ପୁରସ୍କାରପ୍ରାପ୍ତ ଟେରାକୋଟା କାରିଗର ମନବୋଧ ରଣା ଓ ମୁକୁନ୍ଦ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଜାଲରେ ମାଇନ୍ସ ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି

କଟକ,୨୪।୨(କାର୍ତ୍ତିକ ସାହୁ)

କଟକ ସର୍କଲ ମାଇନ୍ସ ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ମଙ୍ଗଳବାର ରାତି ପ୍ରାୟ ୧୦ଟା ୩୦ ମିନିଟ ସମୟରେ ମହାନ୍ତିଙ୍କୁ ଭିଜିଲାନ୍ସ ଧରିଛି। କୋଲ ଡିପୋ ସୁରୁଖୁରୁରେ ଚଳାଇବା ପାଇଁ ଜଣେ ବ୍ୟବସାୟୀଙ୍କଠାରୁ ସେ ୩୦,୦୦୦ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି।

# ମଣିଷ-ପଶୁ ସଂଘର୍ଷ: ୫ବର୍ଷରେ ୮୦୯ ଲୋକଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୪।୨(ବନ୍ଦନା ସେଠୀ)

୨୦୨୦-୨୧ରୁ ୨୦୨୪-୨୫ ଅର୍ଥାତ ଗତ ୫ବର୍ଷରେ ରାଜ୍ୟରେ ମଣିଷ ଓ ପଶୁଙ୍କ ମଧ୍ୟରେ ଘଟିଥିବା ସଂଘର୍ଷରେ ୮୦୯ଜଣ ମଣିଷଙ୍କ ମୃତ୍ୟୁ ହୋଇଛି ଏବଂ ୨୦୬୦ଜଣ ଆହତ ହୋଇଛନ୍ତି। ସେହିପରି ୧୬୧୯ଟି ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଛି। ୧୦୩୮୨ଟି ଘର ଏବଂ ୯୩,୯୯୩.୫୯ଏକର ଫସଲ ନଷ୍ଟ ହୋଇଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମଙ୍ଗଳବାର ବିଧାନସଭାରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି। ଏହିସବୁ କ୍ଷୟକ୍ଷତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। ଅପରପକ୍ଷେ ଗତ ଦେଢବର୍ଷ (୨୦୨୪-୨୫ ରୁ ୨୦୨୫-୨୬ ସେପ୍ଟେମ୍ବର ସୁଦ୍ଧା) ମଧ୍ୟରେ ରାଜ୍ୟରେ ୧୧୪ଟି ହାତୀଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ଶିକାରୀଙ୍କ ଦ୍ୱାରା ୬ଟି, ବିଦ୍ୟୁତ୍ ଆଘାତରେ ୪୨ଟି, ରେଳ ଦୁର୍ଘଟଣାରେ ୪ଟି, ବିଭିନ୍ନ ରୋଗ ଦ୍ୱାରା ୨୯ଟି, ପ୍ରାକୃତିକ କାରଣ ଦ୍ୱାରା ୧୭ଟି, ଲୋକଙ୍କ ପ୍ରତିଶୋଧ ପରାୟଣ ପାଇଁ ୩ଟି ଏବଂ ଅନ୍ୟାନ୍ୟ ଦୁର୍ଘଟଣା ଯଥା ପାହାଡ଼ରୁ ପଡ଼ି, ନଦୀନାଳରେ ପଡ଼ି, ନିଜ ଭିତରେ କଳହ ଆଦି କାରଣରୁ ୧୩ଟି ହାତୀଙ୍କର ମୃତ୍ୟୁ ଘଟିଛି। ତେବେ ଅପ୍ରାକୃତିକ ହାତୀ ମୃତ୍ୟୁ ପାଇଁ ୯୩ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି। ଉଭୟ ମଣିଷ ଓ ପଶୁଙ୍କ ମୃତ୍ୟୁ ପାଇଁ କ୍ଷତିପୂରଣ ପ୍ରାବଧାନ ପାଇଁ ବନ୍ୟପ୍ରାଣୀଙ୍କ ବାସସ୍ଥଳୀର ସୁରକ୍ଷା ଓ ସମୃଦ୍ଧି, ସେମାନଙ୍କ ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରଣ ଭୂମିର ବିକାଶ, କୃତ୍ରିମ ଜଳାଶୟ ସୃଷ୍ଟି, ଜଙ୍ଗଲ ନିଆଁରୁ ରକ୍ଷା, ଶିକାର ନିରୋଧକ ଶିବିର, ବୈଷୟିକ ଜ୍ଞାନ କୌଶଳର ଉପଯୋଗିତା ଦ୍ୱାରା ବନ୍ୟପ୍ରାଣୀ ଓ ଶିକାରୀଙ୍କ ଗତିବିଧି ନିରୀକ୍ଷଣ, ସଚେତନତା, ହାତୀ ସୁରକ୍ଷା ଦଳ, କ୍ଷୟକ୍ଷତି ନିରୋଧକ ଦଳ, 'ଜନ ସୁରକ୍ଷା ଓ ଗଜ ରକ୍ଷା' ଯୋଜନା ମାଧ୍ୟମରେ ରିହାତି ଦରରେ ସୌର ତାରବାଡ଼ ଆଦି ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ କହିଛନ୍ତି।

### ଦେଢବର୍ଷରେ ୧୧୪ ହାତୀଙ୍କ ଜୀବନ ଯାଇଛି

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗଣ୍ଡଗୋଳ ଘଟଣା

# ୨ଜଣ ଯୁକ୍ତ୩ ଛାତ୍ର ଗିରଫ

କଟକ,୨୪।୨(କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଚାଲିଥିବା ଆନ୍ତଃ ହଷ୍ଟେଲ ବାର୍ଷିକ କ୍ରୀଡ଼ାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ମାମଲାରେ ମାଲଗୋଦାମ ଥାନା ପୋଲିସ ୨ଜଣ ଛାତ୍ରଙ୍କୁ ଗିରଫ କରିଛି। ସେମାନେ ହେଲେ ଇଷ୍ଟ ହଷ୍ଟେଲର ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ର କେନ୍ଦୁଝର ଜିଲା ନାଣ୍ଡିଆପଡ଼ାର ରଜତ କୁମାର ଦାସ (୨୧) ଓ ଯାଜପୁର ଜିଲା ବରି ରାମଚନ୍ଦ୍ରପୁରର ବିଶ୍ୱଜିତ ମହାଲିକ(୨୧)। ଏହି ଘଟଣା ପରେ ଛାତ୍ରମାନେ ହଷ୍ଟେଲ ଛାଡ଼ି ଘରକୁ ଚାଲିଯାଇଛନ୍ତି। ସୂଚନାଯୋଗ୍ୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପଡ଼ିଆରେ ଗତ ଶୁକ୍ରବାର ସକାଳେ ଆନ୍ତଃ ହଷ୍ଟେଲ ବାର୍ଷିକ କ୍ରୀଡ଼ା ଚାଲିଥିଲା। ଏହିସମୟରେ ଇଷ୍ଟ ଓ ନିୟୁ ହଷ୍ଟେଲ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ସହ ମାରପିଟ ହୋଇଥିଲା। ମାଲଗୋଦାମ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିବାଦ ସମାଧାନ କରିବାକୁ ଉଦ୍ୟମ କରିଥିଲା। ଶୁକ୍ରବାର ରାତିରେ ଦୁଇ ହଷ୍ଟେଲ ଛାତ୍ରଙ୍କ ମଧ୍ୟରେ ପୁଣି ଗଣ୍ଡଗୋଳ ହେବା ସହିତ ମାରପିଟ ହୋଇଥିଲା। ଏଥିରେ ନିୟୁ ଛାତ୍ରାବାସର ୨ଜଣ ଅନ୍ତେବାସୀଙ୍କ ମୁଣ୍ଡ ଓ ପିଠିରେ ଗଭୀର ଆଘାତ ଲାଗିଥିଲା। ସେମାନଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆହତଙ୍କ ପକ୍ଷରୁ ମାଲଗୋଦାମ ଥାନାରେ ଏନେଇ ଏତଲା ଦିଆଯାଇଥିଲା। ଏତଲା ଆଧାରରେ ପୋଲିସ ଏକ ମାମଲା (ନଂ. ୭୩/୨୬) ରୁଜୁ କରିଛି।

# ରାଜ୍ୟରେ ୩୦ ମହାବଳ, ୬୯୬ କଲରାପତରିଆ ବାଘ

### ହାତୀ ସଂଖ୍ୟା ୨୧୦୩

ଭୁବନେଶ୍ୱର,୨୪।୨(ବନ୍ଦନା ସେଠୀ)



ରାଜ୍ୟସ୍ତରୀୟ ବାଘ ଗଣନା-୨୦୨୪ ଅନୁଯାୟୀ ରାଜ୍ୟରେ ୩୦ଟି ମହାବଳ ବାଘ ରହିଛନ୍ତି। ସେଥିମଧ୍ୟରୁ ମୟୂରଭଞ୍ଜ ଜିଲାର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ୨୭ଟି ମହାବଳ ବାଘ ଅଛନ୍ତି। ସେହିପରି କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡରେ ଗୋଟିଏ, ଗଜପତି ଜିଲା ପାରଳାଖେମୁଣ୍ଡି ବନଖଣ୍ଡରେ ଗୋଟିଏ ଏବଂ ବରଗଡ଼ ଜିଲାର ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡରେ ଗୋଟିଏ ମହାବଳ ବାଘ ଗଣନା କରାଯାଇଛି। ଏହାବାଦ୍ ଶିମିଳିପାଳରେ ୮ଟି ମହାବଳ ବାଘ ଶାବକ ଠାବ କରାଯାଇଥିବାବେଳେ ସମଗ୍ର ରାଜ୍ୟର ବିଭିନ୍ନ ବନଖଣ୍ଡରେ ୬୯୬ଟି କଲରାପତରିଆ ବାଘ ରହିଛନ୍ତି। ଏନେଇ ମଙ୍ଗଳବାର ବିଧାନସଭାରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ସୂଚନା ଦେଇଛନ୍ତି।

୨୦୨୪ ନଭେମ୍ବରରେ ହୋଇଥିବା ହାତୀ ଗଣନା ଅନୁଯାୟୀ, ରାଜ୍ୟରେ ବର୍ତ୍ତମାନ ୨୧୦୩ଟି ହାତୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲାର ବାରିପଦା, ଶିମିଳିପାଳ (ଉତ୍ତର), ଶିମିଳିପାଳ (ଦକ୍ଷିଣ) ଓ କରଞ୍ଜିଆ ବନଖଣ୍ଡରେ ସର୍ବାଧିକ ୨୯୫ଟି ହାତୀ ରହିଛନ୍ତି। ସେହିପରି ଢେଙ୍କାନାଳ ବନଖଣ୍ଡରେ ୨୯୧ଟି ହାତୀ, ଅନୁଗୋଳ ଜିଲାର ଅନୁଗୋଳ, ଆଠମଲ୍ଲିକ, ସାତକୋଶିଆ (ବନ୍ୟପ୍ରାଣୀ) (ଅଂଶ), ଦେଓଗଡ଼ (ଅଂଶ)ରେ ୨୫୪ଟି, କେନ୍ଦୁଝର ଜିଲାର କେନ୍ଦୁଝର (ବନ୍ୟପ୍ରାଣୀ)ରେ ୧୯୫ଟି, ସୁନ୍ଦରଗଡ଼ ଜିଲାର ସୁନ୍ଦରଗଡ଼, ବଣାଇ ଓ ରାଉରକେଲାରେ ୧୭୯ଟି, ସମ୍ବଲପୁର ଜିଲାର ସମ୍ବଲପୁର, ବାମରା (ବନ୍ୟପ୍ରାଣୀ) ଓ ରେଢାଖୋଲରେ ୧୪୦ଟି ହାତୀ ଅଛନ୍ତି। କଟକ ଜିଲାର ଚନ୍ଦକା (ଅଂଶ), ସିଟି ଫରେଷ୍ଟ (ଅଂଶ), କଟକ (ଅଂଶ), ଆଠଗଡ଼ ଓ ଖୋର୍ଦ୍ଧା (ଅଂଶ)ରେ ୧୩୨ଟି, ଦେଓଗଡ଼ରେ ୧୦୭ଟି, କଳାହାଣ୍ଡିରେ ୯୫ଟି, ଗଞ୍ଜାମର ଘୁମୁସର (ଉତ୍ତର), ଘୁମୁସର (ଦକ୍ଷିଣ) ଓ ବ୍ରହ୍ମପୁରରେ ୯୩ଟି, ଖୋର୍ଦ୍ଧାର ଚିଲିକା (ଅଂଶ), ଚନ୍ଦକା (ଅଂଶ), ସିଟି ଫରେଷ୍ଟ (ଅଂଶ) ଓ ଖୋର୍ଦ୍ଧା (ଅଂଶ)ରେ ୮୩ଟି, ନୟାଗଡ଼ର ନୟାଗଡ଼, ମହାନଦୀ (ବନ୍ୟପ୍ରାଣୀ) ଓ ଖୋର୍ଦ୍ଧା (ଅଂଶ)ରେ ୫୬ଟି, ବାଲେଶ୍ୱରରେ ୫୪ଟି, କନ୍ଧମାଳର ଫୁଲବାଣୀ ଓ ବାଲିଗୁଡାରେ ୫୪ଟି, ବଲାଙ୍ଗୀରରେ ୪୨ଟି, ବୌଦ୍ଧର ବୌଦ୍ଧ ଓ ମହାନଦୀ (ବନ୍ୟପ୍ରାଣୀ) (ଅଂଶ)ରେ ୧୬ଟି, ଗଜପତିର ପାରଳାଖେମୁଣ୍ଡିରେ ୯ଟି, ସୁବର୍ଣ୍ଣପୁର ଓ ବରଗଡ଼ରେ ୩ଟି ଲେଖାଏ ଏବଂ ଝାରସୁଗୁଡ଼ା ଓ ରାୟଗଡ଼ାରେ ଗୋଟିଏ ଲେଖାଏ ହାତୀ ରହିଥିବା ଗଣନାରୁ ଜଣାପଡ଼ିଛି।

# 'ଗୋ-ଆଡ୍‌ଭେଞ୍ଚର' ପୋର୍ଟାଲର ଶୁଭାରମ୍ଭ

### ପୂର୍ବ ଭାରତର ପ୍ରମୁଖ ସାହସିକ ପର୍ଯ୍ୟଟନ କେନ୍ଦ୍ରର ମାଇଲ୍‌ଖୁଣ୍ଟ ହେବ ଓଡ଼ିଶା

ଭୁବନେଶ୍ୱର,୨୪।୨(ସୌମ୍ୟରଞ୍ଜନ ରାଉତ)




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ଇଣ୍ଡିଆନ୍ ମାଉଣ୍ଟେନିୟରିଂ ଫାଉଣ୍ଡେଶନ୍ ଏବଂ ଏରୋ କ୍ଲବ୍ ଅଫ୍ ଇଣ୍ଡିଆ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

ଓଡ଼ିଶା ହେବ ପୂର୍ବ ଭାରତର ପ୍ରମୁଖ ସାହସିକ ପର୍ଯ୍ୟଟନ କେନ୍ଦ୍ରର ମାଇଲ୍‌ଖୁଣ୍ଟ। ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଲୋକସେବା ଭବନରେ 'ଗୋ-ଆଡ୍‌ଭେଞ୍ଚର' ପୋର୍ଟାଲର ଶୁଭାରମ୍ଭ କରିବା ସହ ଇଣ୍ଡିଆନ୍ ମାଉଣ୍ଟେନିୟରିଂ ଫାଉଣ୍ଡେଶନ୍ ଏବଂ ଏରୋ କ୍ଲବ୍ ଅଫ ଇଣ୍ଡିଆ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ସାହସିକ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଛନ୍ତି। ଆଧ୍ୟାତ୍ମିକ ପର୍ଯ୍ୟଟନରେ ସୀମିତ ନ ରହି ଏହାକୁ କିଭଳି ଅନୁଭୂତିଭିତ୍ତିକ ପର୍ଯ୍ୟଟନ ସହ ଯୋଡ଼ାଯାଇପାରିବ, ସେଥିପାଇଁ ସରକାର ନୂତନ ରୋଡ୍‌ମ୍ୟାପ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସାହସିକ ପର୍ଯ୍ୟଟନର ପ୍ରଚଳନ ଯୁବ ଉଦ୍ୟୋଗୀମାନଙ୍କୁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ନିବେଶ କରିବାକୁ ଆକର୍ଷିତ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ପରିଦୃଶ୍ୟରେ ନୂଆ ଅଧ୍ୟାୟ ସୃଷ୍ଟି ପାଇଁ ପର୍ଯ୍ୟଟନ, କ୍ରୀଡ଼ା ଏବଂ ଗୃହ ବିଭାଗ ମିଳିତ ଭାବେ କାର୍ଯ୍ୟ କରୁଥିବାରୁ ସେ ଏହି ସହଯୋଗୀ ପ୍ରୟାସକୁ ପ୍ରଶଂସା କରିଛନ୍ତି। ଓଡ଼ିଶାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ସମସ୍ତ ବିଭାଗ ଏକଜୁଟ୍ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ, ରାଜ୍ୟ ସରକାର ୨୦୩୬ ସୁଦ୍ଧା ଉତ୍କର୍ଷ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ରଖି ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶା ପର୍ଯ୍ୟଟନର ନୂଆ ଦିଗ ଉପସ୍ଥାପନ କରି ସେ 'ଥିଙ୍କ୍ ଇଣ୍ଡିଆ, ଥିଙ୍କ୍ ଓଡ଼ିଶା' ମନ୍ତ୍ରକୁ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାଜୀବ ପ୍ରତାପ ରୁଡ଼ି, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ୱାଟର୍ ସ୍ପୋର୍ଟସ୍ ଗୋଆରୁ ଡ. ପୱନ ଗୁପ୍ତା ଆଭାସି ମାଧ୍ୟମରେ ଯୋଗଦେଇଥିଲେ। ଅଗ୍ନିଶମ ଓ ଜରୁରିକାଳୀନ ସେବା ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ, ପର୍ଯ୍ୟଟନ ବିଭାଗ ଶାସନ ସଚିବ ବଲୱନ୍ତ ସିଂହ, କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭୂପେନ୍ଦ୍ର ସିଂ ପୁନିଆ ଏବଂ ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଏରୋ କ୍ଲବ ଅଫ ଇଣ୍ଡିଆର ସାଧାରଣ ସମ୍ପାଦକ ଅରବିନ୍ଦ ବଦୋନି, ଇଣ୍ଡିଆନ ମାଉଣ୍ଟେନିୟରିଂ ଫାଉଣ୍ଡେଶନର ଅନରାରୀ ସମ୍ପାଦକ କୀର୍ତ୍ତି ପାଇସା, ଅଗ୍ନିଶମ ଓ ଜରୁରିକାଳୀନ ସେବା ଆଇଜି ଉମାଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

